ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ

୨୦୨୨-୨୩ ଆର୍ଥିକ ବର୍ଷର

# କାର୍ଯ୍ୟାବଳୀ ସମ୍ବନ୍ଧୀୟ ବିବରଣୀ



ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ

ଓଡ଼ିଶା ସରକାର

## ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର
## ୨୦୨୨ - ୨୩ ଆର୍ଥିକ ବର୍ଷର

# କାର୍ଯ୍ୟାବଳୀ ସମ୍ବନ୍ଧୀୟ ବିବରଣୀ


**ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ**

ଓଡ଼ିଶା ସରକାର

...

ଅର୍ଥନୈତିକ ପ୍ରଗତି ସହ ସାମାଜିକ ନ୍ୟାୟ ପ୍ରତିଷ୍ଠା ହେଉଛି ବିକାଶର ମୂଳ ଆଧାର । ଏହି ଆଭିମୁଖ୍ୟକୁ ସାକାର କରିବା ପାଇଁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ କାର୍ଯ୍ୟ କରୁଛି । ଦୀର୍ଘସ୍ଥାୟୀ ସୁରକ୍ଷିତ ଜୀବିକା, ଆୟ ବୃଦ୍ଧିକାରୀ ସମ୍ପତ୍ତି ସୃଷ୍ଟି, ସଶକ୍ତ ତୃଣମୂଳ ଶାସନ ବ୍ୟବସ୍ଥା ଓ  ମହିଳାମାନଙ୍କର ସକ୍ରିୟ ଅଂଶଗ୍ରହଣ ଜରିଆରେ ଲୋକଙ୍କର ମୁଣ୍ଡପିଛା ଆୟ ଓ ସେମାନଙ୍କର ଜୀବନ ଧାରଣର ମାନ ଆଦି ବୃଦ୍ଧି କରିବା ସହ ସମାଜର ଅବହେଳିତ ତଥା ଦୁର୍ବଳ ଶ୍ରେଣୀର ଲୋକମାନଙ୍କର ଆବଶ୍ୟକତାକୁ  ପୂରଣ କରିବା ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ମୁଖ୍ୟ ଲକ୍ଷ୍ୟ ।

ପଞ୍ଚାୟତିରାଜ ଅନୁଷ୍ଠାନ ସମ୍ବିଧାନର ଏକ ପ୍ରମୁଖ ଅଙ୍ଗ ଭାବେ ଗ୍ରାମୀଣ ବିକାଶ ସଂପର୍କିତ ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନ ତଥା ତଦାରଖରେ ସ୍ଥାନୀୟ ଲୋକମାନଙ୍କର ସଂପୃକ୍ତି କେବଳ ସୁନିଶ୍ଚିତ କରେ ନାହିଁ ବରଂ ସମାଜରେ ଥିବା ଅବହେଳିତ ତଥା ଦୁର୍ବଳ ଶ୍ରେଣୀର ଲୋକମାନଙ୍କର ସାମାଜିକ ଓ ଅର୍ଥନୈତିକ ସ୍ଥିତିର ବିକାଶ କରିବା ସହିତ ସେମାନଙ୍କୁ ସଶକ୍ତ କରିବା ଦିଗରେ ଯଥେଷ୍ଟ ସହାୟକ ହୋଇଥାଏ ।

ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନା ୨୦୧୨-୧୭ର ପ୍ରମୁଖ ଆଭିମୁଖ୍ୟ ହେଲା କ୍ଷିପ୍ରତର, ଦୀର୍ଘସ୍ଥାୟୀ ତଥା ସମନ୍ୱିତ ବିକାଶ ।

ଗ୍ରାମାଞ୍ଚଳରେ ଥିବା ଦାରିଦ୍ର୍ୟର ମାତ୍ରାକୁ ହ୍ରାସ କରି ଲୋକମାନଙ୍କୁ ତୃଣମୂଳସ୍ତରରେ ଯୋଜନା ପ୍ରସ୍ତୁତିରେ ସକ୍ରିୟ ଅଂଶଗ୍ରହଣ କରାଇ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକମାନଙ୍କର ଅର୍ଥନୈତିକ, ସାମାଜିକ ତଥା ସାମଗ୍ରିକ ବିକାଶ କରିବାରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ଭୂମିକା ରହିଛି ।

ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ଗ୍ରାମାଞ୍ଚଳରେ ଥିବା ଗରିବ ଲୋକମାନଙ୍କର ଆୟର ସ୍ତରକୁ ବୃଦ୍ଧି କରାଯାଇ ସେମାନଙ୍କ ପରିବାରର ଜୀବନ ଧାରଣ ନିମନ୍ତେ ସର୍ବନିମ୍ନ ଆୟର ବୃଦ୍ଧି କରାଇବା ହେଉଛି ଏହାର ପ୍ରମୁଖ ଉଦ୍ଦେଶ୍ୟ । ଏଥିନିମନ୍ତେ ସେମାନଙ୍କ ପାଇଁ ଆନୁଷ୍ଠାନିକ ଆର୍ଥିକ ସହାୟତା ମାଧ୍ୟମରେ ଅତିରିକ୍ତ ନିଯୁକ୍ତିର ସୁଯୋଗ କିମ୍ବା ଆୟ ବୃଦ୍ଧିକାରୀ ସଂପତ୍ତି ସୃଷ୍ଟି କରାଯାଇଛି ।

ଯୋଜନା ଆୟୋଗଙ୍କ ମତ ଅନୁସାରେ ଲୋକମାନଙ୍କ ପାଇଁ ପର୍ଯ୍ୟାପ୍ତ ଖାଦ୍ୟ, ବସ୍ତ୍ର, ବାସଗୃହ, ସ୍ୱାସ୍ଥ୍ୟସେବା ଓ ଅବସର ବିନୋଦନ ସୁଯୋଗ ପ୍ରଦାନ ଆଦି ବ୍ୟବସ୍ଥା ଏହି ଦାରିଦ୍ର୍ୟ ଦୂରୀକରଣ ଯୋଜନାର କେବଳ ମାତ୍ର ଉଦ୍ଦେଶ୍ୟ ନୁହେଁ ବରଂ ଏଥିନିମନ୍ତେ ଲୋକମାନଙ୍କ ମାନସିକତାର ପରିବର୍ତ୍ତନ ତଥା ସେମାନଙ୍କର ଅର୍ଥନୈତିକ ଅଭିବୃଦ୍ଧି ନିମନ୍ତେ ଉଚ୍ଚ ଆକାଂକ୍ଷା ଅଙ୍କୁରିତ ହେବା ସମଭାବରେ ଗୁରୁତ୍ୱପୂର୍ଣ୍ଣ ।

ଗୋଷ୍ଠୀ ଉନ୍ନୟନ ହେଉଛି ଏକ ପ୍ରକ୍ରିୟା ଯେଉଁଥିରେ ଲୋକମାନଙ୍କର ସାମାଜିକ, ମନସ୍ତାତ୍ତ୍ୱିକ, ଅର୍ଥନୈତିକ ଅଭିବୃଦ୍ଧି ତଥା କଲ୍ୟାଣ ନିମନ୍ତେ ସେମାନଙ୍କ ସକ୍ରିୟ ଭାଗିଦାରିତାକୁ ଗୁରୁତ୍ୱ ପ୍ରଦାନ କରାଯାଇଥାଏ । ଗ୍ରାମୀଣ ଭାରତର ଲୋକମାନଙ୍କର ସାମାଜିକ ଓ ଅର୍ଥନୈତିକ ଜୀବନରେ ପରିବର୍ତ୍ତନ ପାଇଁ ଗୋଷ୍ଠୀ ଉନ୍ନୟନ ଯୋଜନାରେ ବିଭିନ୍ନ ସାମାଜିକ ଓ ଅର୍ଥନୈତିକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇଥାଏ ।

ଗ୍ରାମାଞ୍ଚଳରେ ଥିବା ଲୋକମାନଙ୍କର ଆୟବୃଦ୍ଧି, କର୍ମନିଯୁକ୍ତି ସୃଷ୍ଟି ଓ ବିଭିନ୍ନ ସମ୍ବଳର ସୁବିନିଯୋଗକୁ ସୁନିଶ୍ଚିତ କରାଇ ସେମାନଙ୍କୁ ଆତ୍ମନିର୍ଭରଶୀଳ କରାଇବା ହେଉଛି ସୁଶାସନର ପ୍ରମୁଖ ଲକ୍ଷ୍ୟଣ ।

ଓଡ଼ିଶା ଅର୍ଥନୈତିକ ଦୃଷ୍ଟିକୋଣରୁ ପଛୁଆ ନୁହେଁ । ଏହା ପ୍ରାକୃତିକ ସମ୍ବଳର ଗନ୍ତାଘର । ଯଦି ଆମେ ଲୋକମାନଙ୍କର ବିଭିନ୍ନ ଆବଶ୍ୟକତା ଓ ସମସ୍ୟାକୁ ହୃଦୟଙ୍ଗମ କରି ତାହାର ନିରାକରଣ ନିମନ୍ତେ ଉପଯୁକ୍ତ ପଦକ୍ଷେପ ନେବା, ତେବେ ନିଶ୍ଚିତ ଭାବେ ଲୋକମାନଙ୍କ ମୁହଁରେ ହସ ଫୁଟାଇ ପାରିବା । ଫଳସ୍ୱରୂପ ଜନକଲ୍ୟାଣ ରାଷ୍ଟ୍ରର ପରିକଳ୍ପନା ସାକାର ହୋଇ ଆମ ରାଜ୍ୟର ପ୍ରଗତିର ଧାରା ତ୍ୱରାନ୍ୱିତ ହେବ ।

## ଓଡ଼ିଶାରେ ପଞ୍ଚାୟତିରାଜ ଧାରାର ସଂକ୍ଷିପ୍ତ ଇତିହାସ

ଓଡ଼ିଶା ଗ୍ରାମପଞ୍ଚାୟତ ଅଧିନିୟମ, ୧୯୪୮ ରାଜ୍ୟର ଗ୍ରାମପଞ୍ଚାୟତ ଗଠନ, କ୍ଷମତା ଓ କାର୍ଯ୍ୟକାରିତା ଉଦ୍ଦେଶ୍ୟରେ ପ୍ରଣିତ ପ୍ରଥମ ଆଇନ ଅଟେ । ୧୯୫୦-୫୧ରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ୫୦୦ ଗୋଟି ଗ୍ରାମପଞ୍ଚାୟତ ଗଠନ କରାଯାଇଥିଲା । ୧୯୫୮ ରୁ ୧୯୬୧ ମସିହା ମଧ୍ୟରେ ରାଜ୍ୟରେ ବଛାବଛା ସ୍ଥାନରେ ସମନ୍ୱିତ ବ୍ଲକମାନ ପ୍ରତିଷ୍ଠା କରାଯାଇଥିଲା । ଓଡ଼ିଶା ଜିଲ୍ଲା ପରିଷଦ ଅଧିନିୟମ, ୧୯୫୯ରେ ଅଧିନିୟମିତ କରାଗଲା । କିନ୍ତୁ ତତ୍‌କ୍ଷଣାତ୍ ଜିଲ୍ଲା ପରିଷଦ ଗଠନ କରାଯାଇନଥିଲା । ପରବର୍ତ୍ତୀ ଅବସ୍ଥାର ୧୯୬୧ ମସିହାରେ ଜିଲ୍ଲା ପରିଷଦ ଅଧିନିୟମ ୧୯୫୯ (୧୯୬୧ରେ ଓଡ଼ିଶା ଅଧିନିୟମ-୨୪) ପ୍ରଣୟନ କରାଗଲା । ୧୯୬୧ ମସିହାରେ ରାଜ୍ୟର ସମସ୍ତ ଗ୍ରାମକୁ ଅନ୍ତର୍ଭୁକ୍ତ କରାଯାଇ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନ ପ୍ରତିଷ୍ଠା କରାଗଲା ।

## ପଞ୍ଚାୟତିରାଜ ଅନୁଷ୍ଠାନର ପଦକ୍ଷେପ

ସମ୍ବିଧାନର ୭୩ ତମ ସଂଶୋଧନ ବ୍ୟବସ୍ଥା ଏବଂ ଅନୁସୂଚିତ ଅଞ୍ଚଳକୁ ସଂପ୍ରସାରଣ ଆଇନ (ପେସା) ଯଥାକ୍ରମେ ୧୯୯୩ ଓ ୧୯୯୬ ମସିହାରେ କାର୍ଯ୍ୟକାରୀ କରାଗଲା । ପରବର୍ତ୍ତୀ ସମୟରେ ୭୩ ତମ ସମ୍ବିଧାନ ସଂଶୋଧନ ଏବଂ ପେସା ଆଇନରେ ସଂଶୋଧନ କରାଯାଇଅଛି । ୧୯୯୬ ପେସା ଆଇନ ଆଧାରରେ ନିର୍ବାଚନ କରାଯାଇ ଅନୁସୂଚିତ ଜନଜାତିଙ୍କୁ ସାମାଜିକ ନ୍ୟାୟ ପ୍ରଦାନ କରିବା କ୍ଷେତ୍ରରେ ଓଡିଶା ହେଉଛି ପ୍ରଥମ ରାଜ୍ୟ । ପଞ୍ଚାୟତିରାଜ ଆଇନ ଯଥା (ଓଡିଶା ଗ୍ରାମପଞ୍ଚାୟତ ଆଇନ ୧୯୬୪, ଓଡିଶା ପଞ୍ଚାୟତ ସମିତି ଆଇନ ୧୯୫୯ ଓ ଓଡିଶା ଜିଲ୍ଲା ପରିଷଦ ଆଇନ ୧୯୯୧)ର ୨୦୧୧ ମସିହାରେ ପୁନଶ୍ଚ ସଂଶୋଧନ କରାଯାଇଅଛି । ଏଥିରେ ମହିଳା ସଶକ୍ତିକରଣ ପାଇଁ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳା ମାନଙ୍କ ପାଇଁ ୫୦ ପ୍ରତିଶତ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା କରାଯାଇଛି ।

## ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥା ରୂପେ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ସୁଦୃଢ଼ୀକରଣ

ପଞ୍ଚାୟତିରାଜ ଅନୁଷ୍ଠାନଗୁଡିକର ସ୍ୱୟଂଶାସିତ ସଂସ୍ଥା ଭାବରେ ସମୃଦ୍ଧ କରାଇବା ନିମନ୍ତେ ସରକାର ପ୍ରତିଶୃତିବଦ୍ଧ । ୨୦୦୩ ମସିହାରେ ୧୧ ଗୋଟି ବିଭାଗର ୨୧ ଗୋଟି ବିଷୟ ପଞ୍ଚାୟତିରାଜ ବିଭାଗକୁ ହସ୍ତାନ୍ତରିତ ହୋଇଥିଲା । ଉକ୍ତ ୧୧ ଗୋଟି ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ଓ ପଞ୍ଚାୟତ ସ୍ତରୀୟ କର୍ମକର୍ତ୍ତାମାନେ ଯଥାକ୍ରମେ ଜିଲ୍ଲା ପରିଷଦ, ପଞ୍ଚାୟତ ସମିତି ଓ ଗ୍ରାମ ପଞ୍ଚାୟତକୁ ହସ୍ତାନ୍ତରିତ ହୋଇଥିବା ବିଷୟ/ ପ୍ରକଳ୍ପର ଅନୁମୋଦନ ନିମନ୍ତେ ବୈଠକରେ ଉପସ୍ଥାପନ କରିବେ ।

ଗ୍ରାମ ପଞ୍ଚାୟତରେ ବସବାସ କରୁଥିବା ଗରିବ ତଥା ଆର୍ଥିକ ଦୁର୍ବଳ ଜନସାଧାରଣଙ୍କୁ ମାଗଣାରେ ଆଇନ ସହାୟତା ପ୍ରଦାନ କରିବା ପାଇଁ ଆଇନ ବିଭାଗ ଓ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ମଧୁବାବୁ ଆଇନ ସହାୟତା ଯୋଜନା ପ୍ରଚଳିତ ହୋଇ ଆସୁଅଛି । ବର୍ତ୍ତମାନ ସୁଦ୍ଧା ୧୮ଟି ଜିଲ୍ଲାରେ ୧୦୦ଟି ବ୍ଲକ ଅଧିନସ୍ଥ ୧୮୭୧ ଟି ଗ୍ରାମ ପଞ୍ଚାୟତରେ ଆଇନ୍ ସହାୟକ ନିଯୁକ୍ତ ହୋଇ ସାରିଛନ୍ତି । ମଧୁବାବୁ ଆଇନ ସହାୟତା କେନ୍ଦ୍ରର ସୁପରିଚାଳନା ନିମନ୍ତେ ଆଇନ୍ ସହାୟକ ନିଯୁକ୍ତ ହୋଇଥିବା ଜିଲ୍ଲାକୁ ବର୍ତ୍ତମାନ ସୁଦ୍ଧା ୪,୮୩,୩୧,୮୦୦ଟଙ୍କା ଅର୍ଥ ମଞ୍ଜୁର କରାଯାଇଛି ।

ପଞ୍ଚାୟତିରାଜ ପ୍ରତିଷ୍ଠାନ ହେଉଛି ଶାସନ ବିକେନ୍ଦ୍ରୀକରଣର ପ୍ରଥମ ସୋପାନ । ଜନସାଧାରଣଙ୍କୁ ସେମାନଙ୍କ ମୌଳିକ ସେବା ଯୋଗାଇ ଦେବା ହେଉଛି ଏହି ଅନୁଷ୍ଠାନର ମୂଳ ଲକ୍ଷ୍ୟ । ଏଥି ନିମନ୍ତେ ରାଜ୍ୟ ସରକାର ଜନ କଲ୍ୟାଣ ପାଇଁ ବିବିଧ ଉନ୍ନତି ମୂଳକ କାର୍ଯ୍ୟ କରିବା ପାଇଁ ପଦକ୍ଷେପ ନେଉଛନ୍ତି । ତେଣୁ ବିବିଧ ଉନ୍ନତିମୂଳକ ଯୋଜନାର କାର୍ଯ୍ୟକାରୀ ପାଇଁ ପଞ୍ଚାୟତମାନଙ୍କୁ ଅର୍ଥ ଆବଣ୍ଟନ କରାଯାଉଛି । ପଞ୍ଚାୟତିରାଜ ଅନୁଷ୍ଠାନର ସଶକ୍ତିକରଣ ପାଇଁ ପ୍ରତ୍ୟେକ ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲାମାନଙ୍କରେ ୭୧୪୨ଟି ଆକାଉଣ୍ଟାଣ୍ଟ-କମ-ଡାଟା ଏଣ୍ଟ୍ରି ଅପରେଟର ପଦବୀ ସୃଷ୍ଟି କରାଯାଇଛି ।

ଏତଦ୍ ସହିତ ଜାତୀୟ ସବୁଜ ନ୍ୟାୟାଧିକରଣର ଆଦେଶ ଅନୁଯାୟୀ ଓଡ଼ିଶା ଜୈବ ବିବିଧତା ନିୟମ ୨୦୧୨କୁ ଭିତ୍ତି କରି ପ୍ରତି ଜିଲ୍ଲା ପରିଷଦ, ପଞ୍ଚାୟତ ସମିତି ଓ ଗ୍ରାମ ପଞ୍ଚାୟତ ସ୍ତରରେ ଜୈବ ବିବିଧତା ପରିଚାଳନା ସମିତି ଗଠନ କରାଯାଇଛି ।

# ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଅଧିନ ରାଜ୍ୟ ନିର୍ବାଚନ କମିଶନ ଉପବିଭାଗ ସମ୍ବନ୍ଧୀୟ ବାର୍ଷିକ କାର୍ଯ୍ୟ ବିବରଣୀ, ୨୦୨୨-୨୩

## ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ଷଷ୍ଠ ସାଧାରଣ ନିର୍ବାଚନ, ୨୦୨୨

ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ଷଷ୍ଠ ସାଧାରଣ ନିର୍ବାଚନ, ୨୦୨୨ ଫେବୃୟାରୀ ୨୦୨୨ରେ ଠିକ୍ ସମୟରେ ଅନୁଷ୍ଠିତ ହୋଇଥିଲା ଯେତେବେଳେ କି ରାଜ୍ୟରେ କୋଭିଡ୍-୧୯ ମହାମାରୀ ସମ୍ପୂର୍ଣ୍ଣ ରୂପେ ଦୂର ହୋଇନଥିଲା ।

୧) ରାଜ୍ୟ ନିର୍ବାଚନ କମିଶନ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ୫ ବର୍ଷ କାର୍ଯ୍ୟକାଳ ସମାପ୍ତ ପୂର୍ବରୁ ଷଷ୍ଠ ସାଧାରଣ ନିର୍ବାଚନ, ୨୦୨୨ ବିଭିନ୍ନ ବାଧାବିଘ୍ନ ସତ୍ୱେ ସଫଳ ଭାବେ ନିର୍ବାଚନ କରିବାରେ ସକ୍ଷମ ହୋଇଛନ୍ତି । ରାଜ୍ୟ ନିର୍ବାଚନ ଆୟୋଗ ଅତିରିକ୍ତ ସତର୍କ ପଦକ୍ଷେପ ଗ୍ରହଣ କରିଥିଲେ ଏବଂ ଯେହେତୁ ପଞ୍ଚାୟତ ନିର୍ବାଚନରେ ମତଦାନ କେନ୍ଦ୍ର ସଂଖ୍ୟା ବହୁତ ଅଧିକ ଏବଂ ବହୁ ସଂଖ୍ୟକ ଅଧିକାରୀ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହେବାକୁ ଥିବାରୁ ରାଜ୍ୟ ନିର୍ବାଚନ ଆୟୋଗଙ୍କ ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା ।

୨) ୮୫୩ ଜିଲ୍ଲା ପରିଷଦ ସଦସ୍ୟ, ୬୭୯୪ ସରପଞ୍ଚ, ୬୭୯୩ ପଞ୍ଚାୟତ ସମିତି ସଦସ୍ୟ ଏବଂ ୯୧୯୧୩ ୱାର୍ଡ ସଦସ୍ୟ (ଜଗତସିଂହପୁର ଜିଲ୍ଲାର ଏରସମା ବ୍ଲକ ଅନ୍ତର୍ଗତ ଢ଼ିଙ୍କିଆ ଗ୍ରାମ ପଞ୍ଚାୟତର ସରପଞ୍ଚ ଏବଂ ୨୩ ୱାର୍ଡ ସଦସ୍ୟଙ୍କୁ ଛାଡ଼ି) ପ୍ରାର୍ଥୀ ଚୟନ କରିବାରେ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବାକୁ ବ୍ୟବସ୍ଥା କରାଯାଇଥିଲା । ଜଗତସିଂହପୁର ଜିଲ୍ଲାର ଉକ୍ତ ଗ୍ରାମପଞ୍ଚାୟତରେ ଜୁଲାଇ ୨୦୨୪ରେ ନିର୍ବାଚନ କରାଯିବ । ରାଜ୍ୟରେ ନିର୍ବାଚନ ଶାନ୍ତିପୂର୍ଣ୍ଣ ଏବଂ ଶୃଙ୍ଖଳିତ ଭାବରେ ଶେଷ ହୋଇଛି ।

## ୨୦୨୨-୨୩ ମସିହାରେ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ଉପ-ନିର୍ବାଚନ ସମ୍ବନ୍ଧୀୟ ବିବରଣୀ:

ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ଷଷ୍ଠ ସାଧାରଣ ନିର୍ବାଚନ, ୨୦୨୨ ସମାପ୍ତି ପରେ ରାଜ୍ୟ ନିର୍ବାଚନ ଆୟୋଗ ସାମୟିକଭାବେ ଖାଲିଥିବା ୧ଟି ଜିଲ୍ଲା ପରିଷଦ ସଦସ୍ୟ, ୬ଟି ପଞ୍ଚାୟତ ସମିତି ସଦସ୍ୟ, ୧ ସରପଞ୍ଚ, ୮ ୱାର୍ଡ ସଦସ୍ୟ ପଦବୀର ଉପ-ନିର୍ବାଚନ କରିଥିଲେ । ଏହି ଉପ-ନିର୍ବାଚନ ବ୍ୟତୀତ ପଞ୍ଚାୟତ ସମିତିର ୧ ଚେୟାରମ୍ୟାନ୍ ଏବଂ ୬ ନାଏବ ସରପଞ୍ଚ ଆସନରେ ଉପ-ନିର୍ବାଚନ ଅନୁଷ୍ଠିତ ହୋଇଥିଲା ।

# ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନା ଓ କାର୍ଯ୍ୟକ୍ରମ

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନା ଓ କାର୍ଯ୍ୟକ୍ରମ ଗୁଡ଼ିକୁ ନିମ୍ନ ପ୍ରକାରେ ବର୍ଗୀକରଣ କରାଯାଇଛି ।

୧. ଦାରିଦ୍ର୍ୟ ଦୂରୀକରଣ ଓ ନିଯୁକ୍ତି ସୃଷ୍ଟି କାର୍ଯ୍ୟକ୍ରମ

୨. ମୌଳିକ ସେବା କାର୍ଯ୍ୟକ୍ରମ

୩. ଭିତ୍ତିଭୂମି ବିକାଶ କାର୍ଯ୍ୟକ୍ରମ

୪. ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ

୫. ଇ-ପ୍ରଶାସନ ପଦକ୍ଷେପ

୬. କୋଭିଡ୍ - ୧୯ ପରିଚାଳନା

୭. ଅନ୍ୟାନ୍ୟ କାର୍ଯ୍ୟକଳାପ

# ୧ ଦାରିଦ୍ର୍ୟ ଦୂରୀକରଣ ଓ ନିଯୁକ୍ତି ସୃଷ୍ଟି କାର୍ଯ୍ୟକ୍ରମ

## (କ) ମହାତ୍ମା ଗାନ୍ଧି ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା :

- ମହାତ୍ମା ଗାନ୍ଧି ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଅନ୍ତର୍ଗତ ବିଭିନ୍ନ ସଫଳ ମାନଦଣ୍ଡ (୨୧ ମାର୍ଚ୍ଚ ୨୩ ପର୍ଯ୍ୟନ୍ତ)
- ମହାତ୍ମା ଗାନ୍ଧି ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ୧୬୫୦ ଲକ୍ଷ ଶ୍ରମ ଦିବସ ସୃଷ୍ଟି କରିବାକୁ କେନ୍ଦ୍ର ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଛି ।
- ୨୦୨୨-୨୩ ଆର୍ଥିକ ବର୍ଷରେ ତା ୨୧.୩.୨୦୨୩ରିଖ ସୁଦ୍ଧା ୧୭୬୧.୬୧ ଶ୍ରମ ଦିବସ ସୃଷ୍ଟି କରାଯାଇଅଛି । ଯାହାକି ଲକ୍ଷ୍ୟ ଧାର୍ଯ୍ୟର ୧୦୭% ।
- ଏହି ଯୋଜନା ମାଧ୍ୟମରେ ଏ ପର୍ଯ୍ୟନ୍ତ ୪୮୩୮.୬୬ କୋଟି ଟଙ୍କା ଖର୍ଚ୍ଚ କରାଯାଇଅଛି । ଏଥିମଧ୍ୟରେ କେବଳ ମଜୁରୀ ଆକାରରେ ୩୮୮୩.୪୬ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି ।
- ୩୨.୪୮ ଲକ୍ଷ ପରିବାରର ୫୦.୨୮ ଲକ୍ଷ ଲୋକଙ୍କୁ ରୋଜଗାର ପ୍ରଦାନ କରାଯାଇଅଛି ।
- ୨୦୨୨-୨୩ ଆର୍ଥିକ ବର୍ଷରେ ଏପର୍ଯ୍ୟନ୍ତ ୩,୭୩,୫୭୫ ଗୋଟି ପରିବାର ୧୦୦ ଦିନ ଶ୍ରମ ଦିବସ ଶେଷ କରିଛନ୍ତି ।
- ଜାତୀୟ ସ୍ତରରେ ପ୍ରତ୍ୟେକ ପରିବାରକୁ ହାରାହାରି ୪୬ଦିନ ଶ୍ରମଦିବସ ପ୍ରଦାନ କରାଯାଇଥିବା ସ୍ଥଳେ ରାଜ୍ୟରେ  ହାରାହାରି ୫୪ ଦିନ ଶ୍ରମଦିବସ ପ୍ରଦାନ କରାଯାଇଛି ।
- ମହିଳାମାନଙ୍କ ଭାଗିଦାରୀ ଆର୍ଥିକ ବର୍ଷ ୨୦୨୧-୨୨ରେ ୪୬% ଥିଲାବେଳେ ଏହା ୨୦୨୨-୨୩ରେ ବଢ଼ି ୪୮% କୁ ବୃଦ୍ଧି ପାଇଛି ।
- ୨୪୮.୪୮ ଲକ୍ଷ ଶ୍ରମ ଦିବସ (୧୪.୧୧%) ଅନୁସୂଚିତ ଜାତିଙ୍କ ଦ୍ୱାରା ସୃଷ୍ଟି କରାଯାଇଥିବା ବେଳେ ୬୨୨ ଲକ୍ଷ ଶ୍ରମ ଦିବସ (୩୬.୦%) ଅନୁସୂଚିତ ଜନଜାତିଙ୍କ ଦ୍ୱାରା ସୃଷ୍ଟି କରାଯାଇଛି, ଯାହାକି ମୋଟ୍ ଶ୍ରମ ଦିବସର ୫୦% ।
- ଗରିବ ଲୋକଙ୍କ ଜୀବିକାରେ ଉନ୍ନତି ଆଣିବା ପାଇଁ ଜଙ୍ଗଲ ଓ ପରିବେଶ ବିଭାଗ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ମୃତ୍ତିକା ସଂରକ୍ଷଣ ଏବଂ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ, ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ଓ ଜଳସମ୍ପଦ ବିଭାଗ ସହ ସହଭାଗିତାରେ ପ୍ରକଳ୍ପ ପ୍ରଣୟନ କରାଯାଉଛି । ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ ଦ୍ୱାରା ୧୦୪୨.୮୪ କୋଟି ଟଙ୍କା ଖର୍ଚ୍ଚ କରାଯାଇ ୪୦୦.୫୯ ଲକ୍ଷ ଶ୍ରମ ଦିବସ ସୃଷ୍ଟି କରାଯାଇଛି ।

- ୧୭୭୫ ଗୋଟି ଅଙ୍ଗନବାଡ଼ି କେନ୍ଦ୍ର, ୨୯.୩୯ଟି କୃଷି ପୋଖରୀ, ୨୮୧୯୮ ଗୋଟି ଜଳ ସଂରକ୍ଷଣ ଓ ଜଳଛାୟା ପରିଚାଳନା, ୧୩୩୮୮ ଗୋଟି ପାରମ୍ପରିକ ପୋଖରୀର ପୁନରୁଦ୍ଧାର ପ୍ରକଳ୍ପ ଶେଷ ହୋଇଛି । ସେହିପରି ୧୨୬୨୪ ଜମି ଉନ୍ନତିକରଣ ୪୦୦୬୭ ବୃକ୍ଷରୋପଣ ପ୍ରକଳ୍ପ ୧୮୧୮୨ଟି ପ୍ରାଣୀଗୃହ, ୨୭୫୪ ଗୋଟି ଖେଳପଡ଼ିଆ ଓ ୨୫୦୪୭ ଗ୍ରାମୀଣ ସଂଯୋଗୀକରଣ ପ୍ରକଳ୍ପ ଶେଷ ହୋଇଛି ।

- ପ୍ରବାସୀ ଶ୍ରମିକ ପ୍ରବଣ ବଲାଙ୍ଗୀର, ବରଗଡ଼, ନୂଆପଡ଼ା ଓ କଳାହାଣ୍ଡି ଜିଲ୍ଲାର ୨୦ଟି ବ୍ଲକରେ ରାଜ୍ୟ ସରକାର ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରିଛନ୍ତି । ଏହି ପ୍ୟାକେଜ୍ ମାଧ୍ୟମରେ ଅତିରିକ୍ତ ୨୦୦ ଦିନର ଶ୍ରମ ଦିବସ ଓ ପ୍ରଚଳିତ ରାଜ୍ୟ ସରକାରଙ୍କ ସର୍ବନିମ୍ନ ଦୈନିକ ମଜୁରୀ ପ୍ରଦାନ କରାଯାଉଛି । ଏପର୍ଯ୍ୟନ୍ତ ୨.୭୮ ଲକ୍ଷ ପରିବାରକୁ କାମ ଯୋଗାଇ ୧.୯୮ ଶ୍ରମ ଦିବସ ସୃଷ୍ଟି କରାଯାଇଛି । ସେହିପରି, ୭୦୨୮୩ ଗୋଟି ପରିବାର ୧୦୦ ଦିନ ଶ୍ରମ ଦିବସ ଶେଷ କରିଥିବା ବେଳେ ୧୫୯୫୮ ଗୋଟି ପରିବାର ୨୦୦ ଦିନ ଓ ୭୬୨ ଗୋଟି ପରିବାର ୩୦୦ ଦିନ ଶ୍ରମ ଦିବସ ଶେଷ କରିଛନ୍ତି ।






## (ଖ) ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି (ଓରମାସ)

ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନରେ ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି (ଓରମାସ) ଏକ ସ୍ୱୟଂ ଶାସିତ ପ୍ରତିଷ୍ଠାନ । ସମିତି ପଞ୍ଜୀକରଣ ଆଇନ-୧୮୬୦ ଜରିଆରେ ଓରମାସ ୧୯୯୧ ମସିହାରେ ପ୍ରତିଷ୍ଠା ହୋଇଥିଲା । ଗ୍ରାମୀଣ କାରିଗରଙ୍କ ଉତ୍ପାଦ ଗୁଡ଼ିକର ସଠିକ ବିପଣନ ପାଇଁ ଭିତ୍ତିଭୂମି ସମସ୍ୟାର ସମାଧାନ ଦିଗରେ ଉପଯୁକ୍ତ ସଂଯୋଗ ରକ୍ଷା କରିବା ପାଇଁ ଓଡ଼ିଶାର ସମସ୍ତ ୩୦ଟି ଜିଲ୍ଲାରେ, ଜିଲ୍ଲାସ୍ତରୀୟ ଓରମାସ ୟୁନିଟ୍ ବା କାର୍ଯ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା ।

### (କ) ଜୀବିକା ବିକାଶ



୨୦୨୨-୨୩ ଆର୍ଥିକ ବର୍ଷରେ ଓରମାସ, ଆମ ରାଜ୍ୟରେ ୫୮୮ଟି ଉତ୍ପାଦକ ଗୋଷ୍ଠୀ ଏବଂ ୨ଟି ଉତ୍ପାଦକ କମ୍ପାନୀ ଗଠନ କରିବା ପାଇଁ ସହଯୋଗ ପ୍ରଦାନ କରିଥିଲା । ବର୍ତ୍ତମାନ ଓଡ଼ିଶାର କାର୍ଯ୍ୟକ୍ଷମ ଥିବା ୩୮୧୨ଟି ଉତ୍ପାଦକ ଗୋଷ୍ଠୀ ମାନଙ୍କର ବ୍ୟବସାୟିକ କାରବାର ୯୬.୦୧ କୋଟି ଟଙ୍କା ହୋଇଥିବା ଜଣାପଡ଼ିଛି ।

### (ଖ) ବିପଣନ କାର୍ଯ୍ୟକ୍ରମ

### ୧. ଶକ୍ତି ଗାଁ ପ୍ରକଳ୍ପ

ଏହି ପ୍ରକଳ୍ପ ଜରିଆରେ, ଗ୍ରାମୀଣ ମହିଳାମାନଙ୍କୁ, ଗ୍ରାମାଞ୍ଚଳରେ ଘରୋଇ ରନ୍ଧନ ଗ୍ୟାସ ସିଲିଣ୍ଡର ବିତରଣ ଦାୟିତ୍ୱ ପ୍ରଦାନ କରି, ସେମାନଙ୍କ ଆତ୍ମନିର୍ଭରଶୀଳ କରାଇବା ସହ ନାରୀ ସଶକ୍ତିକରଣ କରିବା ମୁଖ୍ୟ ଉଦ୍ଦେଶ୍ୟ । ଏହାଦ୍ୱାରା ଗଞ୍ଜାମ, ସୁନ୍ଦରଗଡ଼, ମୟୂରଭଞ୍ଜ ଓ ଜଗତସିଂହପୁର ଜିଲ୍ଲାର ୫୯ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ୮୭୫୬୧ଟି ଗ୍ୟାସ ସଂଯୋଗ ଦିଆଯାଇଛି ।




## ୨. ପ୍ରଦର୍ଶନୀ ଆୟୋଜନ ଏବଂ ଅଂଶଗ୍ରହଣ

ଗ୍ରାମୀଣ କାରିଗରଙ୍କ ଉତ୍ପାଦଗୁଡ଼ିକର ବିକ୍ରିବଟା ପାଇଁ ମାର୍କେଟିଂ ବା ବିପଣନ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ । ଏହା ଗ୍ରାମୀଣ ଉଦ୍ୟୋଗୀମାନଙ୍କୁ ଜୀବିକା ନିର୍ବାହ ପାଇଁ ସୁଯୋଗ ଦେବା ସହ, ସହରାଞ୍ଚଳ ଓ ଅର୍ଦ୍ଧ ସହରାଞ୍ଚଳରେ ସେମାନଙ୍କ ଉତ୍ପାଦ ବିକ୍ରି କରିବା ପାଇଁ ସଂଯୋଗ ସ୍ଥାପନ କରିବାର ସୁଯୋଗ ଯୋଗାଇଥାଏ ।

୨୦୨୨-୨୩ ଆର୍ଥିକ ବର୍ଷରେ ଓରମାସ ସର୍ବମୋଟ୍ ୪୦ଟି ପ୍ରଦର୍ଶନୀ ଆୟୋଜନ କରିଥିବା ବେଳେ,୧୮ଟି ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିଲା । ଏହି ସମସ୍ତ ପ୍ରଦର୍ଶନୀରେ ଆମ ରାଜ୍ୟର ୭୮୯ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ବା ପ୍ରତିଷ୍ଠାନ ଅଂଶଗ୍ରହଣ କରିବା ସହ ମୋଟ ୫୪.୯୧ କୋଟିର ବ୍ୟବସାୟ ହୋଇଥିଲା ।

## ଗ) ଗ୍ରାମୀଣ ଉତ୍ପାଦ ବିକ୍ରି ପାଇଁ ବ୍ୟବସାୟିକ ବୁଝାମଣା

୧. ଗ୍ରାମୀଣ ଆମ୍ବ ଚାଷୀଙ୍କୁ ଉପଯୁକ୍ତ ବଜାର ସୁବିଧା ସହ ଆମ୍ବର ଉପଯୁକ୍ତ ମୂଲ୍ୟ ଯୋଗାଇ ଦେବା ଲକ୍ଷ୍ୟରେ ୨୦୨୨-୨୩ର ଓରମାସ ଆୟୋଜନ କରିଥିଲା ଗାଁ ଆମ୍ବ ପସରା, ଆମ୍ବ ମେଳା କାର୍ଯ୍ୟକ୍ରମ । ଏଥିସହ ବିଭିନ୍ନ ସଂସ୍ଥା ଜରିଆରେ ମଧ୍ୟ ଆମ୍ବ ବିକ୍ରି କରାଯାଇଥିଲା । ଏହି ରାଜ୍ୟସ୍ତରୀୟ

ଆମ୍ବ ମେଳାରେ ମୋଟ ୨୬୩ କ୍ୱିଣ୍ଟାଲ ଆମ୍ବ ବିକ୍ରି କରାଯାଇଥିଲା । ଯେଉଁଥିରେ ମୋଟ୍ ୧୬.୬୬ ଲକ୍ଷ ଟଙ୍କାର କାରବାର ହୋଇଥିଲା ।

(୨) ଏଥିସହ ବିଭିନ୍ନ ସଂସ୍ଥା ବା ପ୍ରତିଷ୍ଠାନ ଜରିଆରେ ଗ୍ରାମୀଣ ଉତ୍ପାଦ ଯଥା, ଧୂପକାଠି, ଡ଼ାଲି ଜାତୀୟ ସାମଗ୍ରୀ, ଆମ୍ବ, ମହୁ, ସବାଇ ଘାସ ସାମଗ୍ରୀ, ଫୁଲ ଝାଡୁ, ପରିବା ସହ ଅଣ ଜଙ୍ଗଲଜାତ ସାମଗ୍ରୀ ବିକ୍ରି କରିବା ପାଇଁ ମଧ୍ୟ ଓରମାସ ସହଯୋଗ କରିଥିଲା ।

## (ଘ) ଦୀନ୍ ଦୟାଲ୍ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା

ରାଜ୍ୟର ଗ୍ରାମାଞ୍ଚଳର ବେରୋଜଗାର ଯୁବବର୍ଗଙ୍କୁ ନିଯୁକ୍ତି ସୁଯୋଗ ଯୋଗାଇ ଦେବା ପାଇଁ ଓରମାସ ଦ୍ୱାରା କାର୍ଯ୍ୟକାରୀ ହେଉଛି ସରକାରଙ୍କ ନିଯୁକ୍ତି ଭିତ୍ତିକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଦୀନ୍ ଦୟାଲ୍ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା । ଏହି କାର୍ଯ୍ୟକ୍ରମ ପାଇଁ ଓରମାସ ୧୦୫ଟି ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥା (ପି.ଆଇ.ଏ) ଜରିଆରେ ଆମ ରାଜ୍ୟରେ ଡିଡିୟୁ-ଜିକେୱାଇ କାର୍ଯ୍ୟକାରୀ କରିବା ସହିତ ଗ୍ରାମାଞ୍ଚଳର ବେରୋଜଗାର ଯୁବବର୍ଗଙ୍କୁ, ଦକ୍ଷ, ରୋଜଗାରକ୍ଷମ, ଆର୍ଥିକ ସ୍ୱାବଲମ୍ବୀ କରିବା ସହ ଏବଂ ସମାଜରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସହାୟକ ହୋଇପାରିଛି ।

ଆମ ରାଜ୍ୟରେ ଏହି କାର୍ଯ୍ୟକ୍ରମ, କାର୍ଯ୍ୟକାରୀ ହେବା ଦିନଠାରୁ ମୋଟ୍ ୨,୧୫,୫୯୩ ଜଣ ଗ୍ରାମୀଣ ଯୁବକ-ଯୁବତୀ ତାଲିମ୍ ନେଇ ସାରିଥିବା ବେଳେ ସେମାନଙ୍କ ମଧ୍ୟରୁ ୧,୪୯,୬୦୩ ଜଣ ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ ସଂସ୍ଥାରେ ଚାକିରି ସୁଯୋଗ ପାଇଛନ୍ତି । ଏହି କାର୍ଯ୍ୟକ୍ରମକୁ ସଫଳତାର ସହ ପରିଚାଳନା କରିଥିବାରୁ କେନ୍ଦ୍ର ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରାଳୟ ତରଫରୁ ଓରମାସ, ୨୦୧୬-୧୭, ୨୦୧୭-୧୮ ଓ ୨୦୧୮-୧୯ ଲଗାତର ୩ ଥର ପାଇଁ ଶ୍ରେଷ୍ଠ ରାଜ୍ୟ ଭାବେ ପୁରସ୍କାର ହାସଲ କରିଛି । ଏହି କାର୍ଯ୍ୟକ୍ରମ କରିବା ପାଇଁ ଓର୍ମାସ୍ ଭାରତ ସରକାର ଓ ଓଡ଼ିଶା ସରକାରଙ୍କ ଠାରୁ ୧୦୪୦.୧୭ କୋଟି ଟଙ୍କା ପାଇଅଛି ଏବଂ ୧୦୦୭.୭୪ କୋଟି ଟଙ୍କା ଖର୍ଚ୍ଚ କରିଅଛି ।






## ୨ ମୌଳିକ ସେବା କାର୍ଯ୍ୟକ୍ରମ

### (କ) ଗ୍ରାମୀଣ ଗୃହ ନିର୍ମାଣ ଯୋଜନା

ଗାଁ ଗହଳିରେ ରହୁଥିବା ସମସ୍ତ ଯୋଗ୍ୟ ପରିବାର ତଥା କଚ୍ଚାଘରେ ରହୁଥିବା ପରିବାରଙ୍କୁ ପକ୍କା ଘର ଯୋଗାଇଦେବା ପାଇଁ ରାଜ୍ୟ ସରକାର ସଙ୍କଳ୍ପବଦ୍ଧ । ଏହି ପରିପ୍ରେକ୍ଷୀରେ ବିଭିନ୍ନ ଗ୍ରାମୀଣ ଗୃହ ନିର୍ମାଣ ଯୋଜନା ଅଧିନରେ ୨୦୧୪-୧୫ ମସିହାରୁ ଅଦ୍ୟାବଧି ଓଡ଼ିଶା ୩୧ ଲକ୍ଷରୁ ଉର୍ଦ୍ଧ୍ୱ ପକ୍କାଘର ନିର୍ମାଣ କରିସାରିଛି ।

ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ନିମ୍ନ ଲିଖିତ ଗ୍ରାମୀଣ ଗୃହ ନିର୍ମାଣ ଯୋଜନା ଗୁଡ଼ିକ କାର୍ଯ୍ୟକାରୀ କରାଯାଉଛି ।

୧. ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)

୨. ବିଜୁ ପକ୍କାଘର ଯୋଜନା

୩. ପକ୍କାଘର ଖଣି ଯୋଜନା (ଖଣି)

୪. ନିର୍ମାଣ ଶ୍ରମିକ ପକ୍କାଘର ଯୋଜନା

| କ୍ର. ସଂ | ଆର୍ଥିକ ବର୍ଷ | ନିର୍ମିତ ହୋଇଥିବା ଗୃହ |
|---|---|---|
| ୧ | ୨୦୧୪-୧୫ | ୩,୫୨,୪୨୧ |
| ୨ | ୨୦୧୫-୧୬ | ୬, ୧୬, ୮୧୮ |
| ୩ | ୨୦୧୬-୧୭ | ୧, ୬୩, ୯୮୩ |
| ୪ | ୨୦୧୭-୧୮ | ୫, ୩୨, ୨୫୪ |
| ୫ | ୨୦୧୮-୧୯ | ୫, ୧୦, ୪୮୬ |
| ୬ | ୨୦୧୯-୨୦ | ୩, ୯୫୪, ୨୧୨ |
| ୭ | ୨୦୨୦-୨୧ | ୪, ୩୮, ୭୪୭ |
| ୮ | ୨୦୨୧-୨୨ | ୧, ୦୮, ୪୯୬ |
| ୯ | ୨୦୨୨-୨୩ (୫.୧.୨୦୨୩ ସୁଦ୍ଧା) | ୨୪,୭୯୨ |
| | **ସମୁଦାୟ** | **୩୧.୪୨,୨୦୯** |

## (୧) ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) :

ଏହି ଯୋଜନାଟି ୨୦୧୬-୧୭ ଆର୍ଥିକ ବର୍ଷରେ ଶୁଭାରମ୍ଭ ହୋଇଥିଲା । ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ର ବାର୍ଷିକ ପ୍ରଗତି ନିମ୍ନରେ ପ୍ରଦତ୍ତ :

| ଆର୍ଥିକ ବର୍ଷ | ଲକ୍ଷ୍ୟ | ସମ୍ପୂର୍ଣ୍ଣ ହୋଇଥିବା ଗୃହ | % | ମତାମତ |
|---|---|---|---|---|
| ୨୦୧୬-୧୭ | ୩, ୯୬, ୧୦୨ | ୩, ୭୮, ୭୭୧ | ୯୬ | |
| ୨୦୧୭-୧୮ | ୩, ୪୦, ୪୯୮ | ୩, ୪୦, ୪୯୮ | ୯୬ | |
| ୨୦୧୮-୧୯ | ୨, ୫୫, ୯୫୮ | ୨, ୪୨, ୮୪୫ | ୯୫ | |
| ୨୦୧୯-୨୦ | ୬, ୮୪, ୪୩୩ | ୫, ୯୪, ୦୭୫ | ୮୭ | |
| ୨୦୨୦-୨୧ | ୨, ୦୧, ୩୩୩ | ୧, ୬୭, ୨୫୮ | ୮୩ | |
| ୨୦୨୧-୨୨ | ୮, ୧୭, ୫୧୩ | | | ସ୍ବଚ୍ଛତାର ସହ ଏହି ଗୃହ ଗୁଡ଼ିକ ମଞ୍ଜୁର କରାଯାଉଛି । |
| ୨୦୨୨-୨୩ | ୧,୪୨,୦୦୫ | | | ଏହି ଗୃହଗୁଡ଼ିକର ଫନୀ ପ୍ରଭାବିତ ପରିବାରଙ୍କ ପାଇଁ ଉଦ୍ଦିଷ୍ଟ । ଏହାର ମଞ୍ଜୁର ପ୍ରକ୍ରିୟା ଚାଲୁଅଛି । |
| **ସମୁଦାୟ** | **୨୮,୩୭,୮୪୨** | **୧୭,୦୮,୨୩୦** | **୯୧** | |

ଏହି ଗୃହ ନିର୍ମାଣ ସହାୟତା ରାଶି ସମନ୍ୱିତ କାର୍ଯ୍ୟ ଯୋଜନାରେ ତାଲିକାଭୁକ୍ତ ବା IAP ଜିଲ୍ଲାମାନଙ୍କ ପାଇଁ ୧.୩ ଲକ୍ଷ ଟଙ୍କା ହୋଇଥିବାବେଳେ ଅଣ ସମନ୍ୱିତ କାର୍ଯ୍ୟ ଯୋଜନାରେ ତାଲିକାଭୁକ୍ତ ବା Non-IAP ଜିଲ୍ଲାମାନଙ୍କ ପାଇଁ ୧.୨ ଲକ୍ଷ ଟଙ୍କା ଅଟେ । ଏତଦ୍ ବ୍ୟତୀତ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ

କର୍ମନିଯୁକ୍ତି ଯୋଜନାରେ ହିତାଧିକାରୀମାନଙ୍କୁ ୯୦/୯୫ ଦିନ ପର୍ଯ୍ୟନ୍ତ ମଜୁରୀ ମିଳିଥାଏ । (IAP-95, Non-IAP-90) ।

ହିତାଧିକାରୀଙ୍କୁ ପ୍ରଦାନ କରାଯାଉଥିବା ଅର୍ଥରାଶିକୁ କେନ୍ଦ୍ର ଓ ରାଜ୍ୟ ସରକାର ୬୦:୪୦ ଅନୁପାତରେ ବହନ କରିଥାଆନ୍ତି ।

## (୨) ବିଜୁ ପକ୍କା ଘର ଯୋଜନା

ଏହି ଯୋଜନାଟି ୨୦୧୬-୧୭ ଆର୍ଥିକ ବର୍ଷରେ ଆରମ୍ଭ କରାଯାଇଥିଲା । ଏହି ଯୋଜନାର ପ୍ରଗତି ନିମ୍ନରେ ପ୍ରଦତ୍ତ :

| ଲକ୍ଷ୍ୟ | ସମ୍ପୂର୍ଣ୍ଣ ହୋଇଥିବା ଗୃହ | % |
|---|---|---|
| ୨୮୫୫୪୩ | ୨,୬୮,୫୯୧ | ୯୪ |

## (୩) ନିର୍ମାଣ ଶ୍ରମିକ ପକ୍କାଘର ଯୋଜନା :

ଏହି ଯୋଜନାଟି ୨୦୧୬-୧୭ ଆର୍ଥିକ ବର୍ଷରେ ଆରମ୍ଭ କରାଯାଇଥିଲା । ଏହି ଯୋଜନାର ପ୍ରଗତି ନିମ୍ନରେ ପ୍ରଦତ୍ତ :

| ଲକ୍ଷ୍ୟ | ସମ୍ପୂର୍ଣ୍ଣ ହୋଇଥିବା ଗୃହ | % |
|---|---|---|
| ୨୩,୭୫୬ | ୨୨,୬୭୯ | ୯୫ |

## (୪) ପକ୍କାଘର ଯୋଜନା (ଖଣି):

ଏହି ଯୋଜନାଟି ୨୦୧୬-୧୭ ଆର୍ଥିକ ବର୍ଷରେ ଆରମ୍ଭ କରାଯାଇଥିଲା । ଏହି ଯୋଜନାର ପ୍ରଗତି ନିମ୍ନରେ ପ୍ରଦତ୍ତ :

| ଲକ୍ଷ୍ୟ | ସମ୍ପୂର୍ଣ୍ଣ ହୋଇଥିବା ଗୃହ | % |
|---|---|---|
| ୨୯,୮୨୯ | ୨୮,୮୫୫ | ୯୭ |

# ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ଗ୍ରହଣ କରାଯାଉଥିବା ଅଭିନବ ପଦକ୍ଷେପ

## ୧. ହିତାଧିକାରୀ ଓ ଟ୍ୟାଗ୍ ଅଧିକାରୀଙ୍କ ନିମନ୍ତେ ପ୍ରୋତ୍ସାହନ ରାଶି :

ନିର୍ଦ୍ଧାରିତ ସମୟସୀମା ପୂର୍ବରୁ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ, ହିତାଧିକାରୀ ତଥା ହିତାଧିକାରୀଙ୍କ ସହ ସଂଯୁକ୍ତ କ୍ଷେତ୍ରୀୟ ଅଧିକାରୀମାନଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି ।

## ୨. ମରାମତି ରାଶି :

ଯେ କୌଣସି ଗୃହ ନିର୍ମାଣ ଯୋଜନାରେ ନିର୍ମିତ ହୋଇଥିବା ପକ୍କାଘର ଗୁଡ଼ିକର ସ୍ଥାୟୀତ୍ୱକୁ ବଜାୟ ରଖିବା ପାଇଁ, ପୂର୍ବରୁ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବା ହିତାଧିକାରୀଙ୍କୁ ମରାମତି ରାଶି ପ୍ରଦାନ କରାଯାଉଛି । ରାଜ୍ୟ ସରକାର ୨୭.୧୮ ଲକ୍ଷ ପରିବାରଙ୍କୁ ମରାମତି ରାଶି ବାବଦକୁ ମୋଟ ୮୧୫ କୋଟି ଟଙ୍କା ପ୍ରଦାନ କରିସାରିଛନ୍ତି ।

## ୩. ବ୍ୟବସ୍ଥାର ସରଳୀକରଣ :

କ) କିସ୍ତି ରାଶି ଓ ପ୍ରୋତ୍ସାହନ ରାଶି ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ଜମା ହେଲେ, ହିତାଧିକାରୀ ନିଜ ମୋବାଇଲ୍‌ରେ ମେସେଜ୍ ମାଧ୍ୟମରେ ଏ ସମ୍ପର୍କିତ ସୂଚନା ପାଇପାରୁଛନ୍ତି ।

ଖ) ନିଜ ମୋବାଇଲ ମାଧ୍ୟମରେ ହିତାଧିକାରୀ ନିଜର ଗୃହ ନିର୍ମାଣ କାର୍ଯ୍ୟାଦେଶ ଦେଖିପାରିବେ ।

ଗ) 'ଆମ ଘର' ମୋବାଇଲ୍ ଆପ ମାଧ୍ୟମରେ ହିତାଧିକାରୀ ଗୃହ ନିର୍ମାଣର ପ୍ରତ୍ୟେକ ସ୍ତରର ପ୍ରକୃତ ସମୟସୀମା ଓ ଜିଓ ଟାଗିଙ୍ଗ୍ ଫଟୋ ଅପ୍‌ଲୋଡ୍ କରି ପରବର୍ତ୍ତୀ କିସ୍ତି ପାଇବା ପ୍ରକ୍ରିୟା ଆରମ୍ଭ କରିପାରୁଛନ୍ତି ।

## ୪. ବଳିଷ୍ଠ ମତାମତ ସଂଗ୍ରହ ପ୍ରକ୍ରିୟା :

ରାଜ୍ୟ / ଜିଲ୍ଲା କଲ ସେଣ୍ଟର, ହିତାଧିକାରୀଙ୍କ ଅଭିଯୋଗ ଗ୍ରହଣ କରି ଉପଯୁକ୍ତ ପଦାଧିକାରୀଙ୍କୁ ଅବଗତ କରାଇବା କ୍ଷଣି ବିଭାଗ ପକ୍ଷରୁ ଏହାର ସମାଧାନ ଦିଗରେ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଉଛି ।

## (ଖ) ପାନୀୟ ଜଳ ଓ ପରିମଳ

### (୧) ଗ୍ରାମ୍ୟ ପାନୀୟ ଜଳ ଯୋଗାଣ

ରାଜ୍ୟର ଗ୍ରାମୀଣ କ୍ଷେତ୍ରରେ ବସବାସ କରୁଥିବା ସମସ୍ତ ଜନ ସାଧାରଣଙ୍କ ପାଇଁ ନିରାପଦ, ସୁଲଭ ଏବଂ ପର୍ଯ୍ୟାପ୍ତ ପରିମାଣରେ ପାନୀୟ ଜଳର ବ୍ୟବସ୍ଥା କରିବା ଦାୟିତ୍ୱ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଗ୍ରାଧିକାର ଭିତ୍ତିରେ ଗ୍ରହଣ କରିଛି । ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ସଂସ୍ଥା ଜରିଆରେ ରାଜ୍ୟର ସମସ୍ତ ପଡାଗ୍ରାମକୁ ସଫଳତାର ସହିତ ସ୍ୱଚ୍ଛ ଓ ନିରାପଦ ପାନୀୟ ଜଳ ଯୋଗାଇ ଦିଆଯାଉଛି । ପ୍ରତ୍ୟେକ ଗ୍ରାମୀଣ ପରିବାରକୁ ଟ୍ୟାପ ଯୋଗେ ନିରାପଦ ପାନୀୟ ଜଳ ଯୋଗାଇ ଦେବା ଲକ୍ଷ୍ୟ ନେଇ ନଳକୂପ ଓ ପରିମଳ କୂପ ବଦଳରେ ଭୂପୃଷ୍ଠ ଜଳକୁ ବ୍ୟବହାର କରି ପାଇପ ଜଳଯୋଗାଣ ପ୍ରକଳ୍ପ ମାଧ୍ୟମରେ ଜଳଯୋଗାଣର ବ୍ୟବସ୍ଥା କରାଯାଉଅଛି । ତଦନୁଯାୟୀ, ରାଜ୍ୟ ପରିପୂର୍ଣ୍ଣତା ଯୋଜନା ପ୍ରସ୍ତୁତ କରାଯାଇଛି । ଯୋଗାଇ ଦିଆଯାଉଥିବା ଜଳର ଆବଶ୍ୟକୀୟ ଗୁଣବତ୍ତାମାନର ଯଥାର୍ଥ ଅନୁପାଳନ ପାଇଁ ରାଜ୍ୟବ୍ୟାପି ୭୮ଟି ଜଳ ପରୀକ୍ଷଣ ପ୍ରୟୋଗଶାଳା ନିର୍ମିତ ହୋଇଛି ।

୨୦୨୨-୨୩ ଆର୍ଥିକ ବର୍ଷରେ ରାଜ୍ୟରେ JJM, BASUDHA, OMBADC, RIDF, CFC/SFC ଇତ୍ୟାଦି ପାଣ୍ଠିର ବିନିଯୋଗରେ ୬୯୬ ଗୋଟି ପାଇପ ଜଳ ଯୋଗାଣ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି ଏବଂ ୧୪୨୧ ଗୋଟି (ନଳକୂପ ଏବଂ ପରିମଳ କୂପ) ସ୍ଥାପନ କରାଯାଇଅଛି । ତା୩୧.୦୩.୨୦୨୨ ସୁଦ୍ଧା ରାଜ୍ୟରେ ସର୍ବମୋଟ ୧୩୪୮୪ ଗୋଟି ପାଇପ ଜଳ ଯୋଗାଣ ପ୍ରକଳ୍ପ, ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ର ମିଶି ମୋଟ ୪,୭୬,୦୫୦ ଗୋଟି ନଳକୂପ / ପରିମଳକୂପ କାର୍ଯ୍ୟକ୍ଷମ ରହିଛି । ତା୩୧.୧୨.୨୦୨୨ ସୁଦ୍ଧା ମୋଟ୍ ୧୨୬୮୩ଟି ସୌରଚାଳିତ ପାଇପ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଅଛି ।

୨୦୨୨-୨୩ ଆର୍ଥିକ ବର୍ଷରେ (ତା୩୧.୧୨.୨୦୨୨ ସୁଦ୍ଧା) ରାଜ୍ୟରେ ୭୮ଟି ପାଇପ ଜଳଯୋଗାଣ ପ୍ରକଳ୍ପ ଏବଂ ୧୪୫୨ଟି ନଳକୂପ ଓ ପରିମଳ କୂପର କାର୍ଯ୍ୟ ସଂପୂର୍ଣ୍ଣ ହୋଇଅଛି । ରାଜ୍ୟରେ ସର୍ବମୋଟ ତା ୩୧.୧୨.୨୦୨୨ ସୁଦ୍ଧା ୧୩୯୨୬ଟି ପାଇପ ଜଳଯୋଗାଣ ପ୍ରକଳ୍ପ ଏବଂ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ର ମିଶି ମୋଟ ୪୭୭୫୦୨ଟି ନଳକୂପ ଓ ପରିମଳ କୂପ ସମ୍ପୂର୍ଣ୍ଣ ହୋଇ କାର୍ଯ୍ୟକ୍ଷମ ଅଛି ।

(କ) ତା ୩୧.୧୨.୨୦୨୨ ସୁଦ୍ଧା ଗ୍ରାମ / ପଡ଼ା ଗ୍ରାମ ଗୁଡ଼ିକର ଜଳଯୋଗାଣ ସ୍ଥିତି :

| | |
|---|---|
| ସମସ୍ତ ପଡ଼ାଗ୍ରାମ ସଂଖ୍ୟା : | ୧,୫୬,୭୫୧ |
| ସମ୍ପୂର୍ଣ୍ଣ ଅନ୍ତର୍ଭୁକ୍ତ (fully covered) ଗ୍ରାମ : | ୧,୫୨,୨୭୨ |

ଆଂଶିକ ଅନ୍ତର୍ଭୁକ୍ତ (partially covered) ଗ୍ରାମ : ୨,୪୫୫

ଅର୍ନ୍ତଭୁକ୍ତ (uncovered) ଗ୍ରାମ : ୦

ଗୁଣବତା ପ୍ରଭାବିତ (Quality affected) ଗ୍ରାମ : ୨,୧୧୯

(ଏଫ-୪୬, ଏଫଇ-୨୦୩୫, ସିଆଇ-୩୦, ଏନ-୮)

ଗ୍ରାମୀଣ ପରିବାରକୁ ଟ୍ୟାପ ଯୋଗେ ପାନୀୟ ଜଳଯୋଗାଣ (FHTC)

ସମସ୍ତ ଗ୍ରାମୀଣ ପରିବାର ସଂଖ୍ୟା : ୮୮,୨୧,୦୯୬

FHTC as on (ତା ୦୬.୦୧.୨୦୨୩) : ୪୯,୩୧,୦୭୦

## ଭୌତିକ ପ୍ରଗତି : (Physical Achievement) :

ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ତରଫରୁ ପାଇପ ଜଳଯୋଗାଣ ପ୍ରକଳ୍ପ ଏବଂ ନଳକୂପ ଓ ପରିମଳ କୂପ ସ୍ଥାପନ ନିମନ୍ତେ ବିଭିନ୍ନ ଯୋଜନାରେ ଯଥା: (JJM, BASUDHA, RIDF, KBK) ଅର୍ଥ ବ୍ୟବସ୍ଥା କରାଯାଇଅଛି । ଆର୍ଥିକ ବର୍ଷ ୨୦୨୧-୨୨ (ତା.୩୧.୧୨.୨୦୨୨ ଶେଷ) ସୁଦ୍ଧା ହାସଲ କରାଯାଇଥିବା ବିଭିନ୍ନ ପ୍ରକଳ୍ପର ବିବରଣୀ ନିମ୍ନରେ ପ୍ରଦତ୍ତ କରାଗଲା ।

| ପ୍ରକଳ୍ପ | ୨୦୨୨-୨୩ (ତା. ୩୧.୧୨.୨୦୨୨ ଶେଷ ସୁଦ୍ଧା) | |
|---|---|---|
| | ଲକ୍ଷ | ହାସଲ |
| ଜଳଉତ୍ସ | | ୧୩୯୬ |
| ପାଇପ ଜଳଯୋଗାଣ ପ୍ରକଳ୍ପ | ୧୧୬୨ | ୭୮ |
| ସୌରଚାଳିତ ପାଇପ ଜଳଯୋଗାଣ | ୬୧୨୩ | ୮୫୪ |

## (୨) ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ୨୦୨୨-୨୩

### ଗ୍ରାମୀଣ ପରିମଳ

### ପରିମଳ ଏବଂ କଠିନ ଓ ତରଳ ବର୍ଜ୍ୟବସ୍ତୁ ପରିଚାଳନା ।

୧. ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ)-୨ ଏପ୍ରିଲ, ୨୦୨୦ରୁ ସାରା ରାଜ୍ୟରେ ଆରମ୍ଭ କରାଯାଇଅଛି । ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଲା ODF ସ୍ଥିତିକୁ ବଜାୟ ରଖିବା ସହିତ ଗ୍ରାମାଞ୍ଚଳରେ କଠିନ ଏବଂ ତରଳ ବର୍ଜ୍ୟବସ୍ତୁର ସୁପରିଚାଳନା କରିବା ।

୨. ପଞ୍ଚାୟତିରାଜ ଏବଂ ପାନୀୟଜଳ ବିଭାଗ ତରଫରୁ କଠିନ ଓ ତରଳ ବର୍ଜ୍ୟବସ୍ତୁର ପରିଚାଳନା ନିମନ୍ତେ ସମସ୍ତ ଜିଲ୍ଲା ଓ ବ୍ଲକକୁ ନିର୍ଦ୍ଦେଶ ଦିଆଯାଇଅଛି ଏବଂ ଏହି କାର୍ଯ୍ୟକ୍ରମର ସପରିଚାଳନା ନିମନ୍ତେ ବିଭାଗ ତରଫରୁ ଗାଇଡ୍ ଲାଇନ୍ ପ୍ରସ୍ତୁତ କରାଯାଇଅଛି ।

୩. ପଞ୍ଚାୟତିରାଜ ଏବଂ ପାନୀୟଜଳ ବିଭାଗ ତରଫରୁ ଗ୍ରାମାଞ୍ଚଳ ପରିମଳ ଯୋଜନାକୁ କାର୍ଯ୍ୟକାରୀ କରିବା ସଂଗେ ସଂଗେ ଗ୍ରାମାଞ୍ଚଳରେ ନିୟମିତ ସଫେଇ କାର୍ଯ୍ୟ କରିବା ପାଇଁ ବ୍ୟବସ୍ଥା କରାଯାଇଅଛି ।

୪. ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) କାର୍ଯ୍ୟକ୍ରମ, ମହାତ୍ମା ଗାନ୍ଧି ନରେଗା ଏବଂ ଅର୍ଥ ଆୟୋଗର ଅନୁଦାନରେ ପରିମଳ ଏବଂ କଠିନ ଓ ତରଳ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଧ୍ୟାନ ଦେଇ ଗ୍ରାମ୍ୟ ଯୋଜନା (Village Action Plan) ପ୍ରସ୍ତୁତ କରାଯାଉଅଛି । ଆଜିସୁଦ୍ଧା ୪୨,୬୦୦ରୁ ଅଧିକ ଗାଁ (୯୧.୨%) ଗ୍ରାମ୍ୟ ଯୋଜନା ପ୍ରସ୍ତୁତ କରିସାରିଛି ।

୫. ଚଳିତ ୨୦୨୨-୨୩ ଆର୍ଥିକ ବର୍ଷରେ ସାର୍ବଜନୀନ ପରିମଳ ସୁବିଧା ସୁନିଶ୍ଚିତ କରିବା ଏବଂ ଓ.ଡ଼ି.ଏଫ୍ ସ୍ଥିତିକୁ ବଜାୟ ରଖିବା ପାଇଁ ୧.୧ ଲକ୍ଷରୁ ଅଧିକ ନୂତନ ବ୍ୟକ୍ତିଗତ ଘରୋଇ ଶୌଚାଳୟ (IHHLS) ଏବଂ ୩୧୯ ଗୋଟି ନିର୍ମାଣ କରାଯାଇଅଛି ।

୬. ଗ୍ରାମାଞ୍ଚଳରେ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ (PWM) ଏବଂ ଫେକାଲ୍ ସ୍ଲେଜ୍ ପରିଚାଳନା (FSM) ନିମନ୍ତେ ପଞ୍ଚାୟତିରାଜ ଏବଂ ପାନୀୟଜଳ ବିଭାଗ ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମିଳିତ ଭାବେ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି । ଏହି ସଂକ୍ରାନ୍ତରେ ସମସ୍ତ ଜିଲ୍ଲାକୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଏବଂ ପଂଚାୟତିରାଜ ଓ ପାନୀୟଜଳ ବିଭାଗର Joint Advisory ଜାରି କରାଯାଇଛି ।

୭. ସମସ୍ତ ଜିଲ୍ଲା Urban Local Bodiese ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା (PWM) ଏବଂ ଫେକାଲ୍ ସ୍ଲେଜ୍ ପରିଚାଳନା (FSM) ସୁବିଧା ପାଇବା ପାଇଁ ULB ସହିତ ଗ୍ରାମ ପଂଚାୟତର ଟ୍ୟାଗିଂ କରାଯାଇଅଛି ।

୮. ଆଜିସୁଦ୍ଧା, ୩୩,୪୦୦ରୁ ଅଧିକ ଗାଁ ODF Plus କାର୍ଯ୍ୟ ଆରମ୍ଭ କରିଛନ୍ତି ଏବଂ ୧୨,୬୧୩ରୁ ଅଧିକ (୨୭%) ଗ୍ରାମକୁ ରାଜ୍ୟରେ ODF ପ୍ଲସ୍ ମଡେଲ୍ ଗ୍ରାମ ଭାବରେ ଘୋଷଣା କରାଯାଇଅଛି । ସେଥିମଧ୍ୟରୁ ଚଳିତ ଆର୍ଥିକ ବର୍ଷରେ ୮,୯୭୭ ଗ୍ରାମକୁ ODF Plus ମଡେଲ୍ ଗ୍ରାମ ଭାବରେ ଘୋଷଣା କରାଯାଇଅଛି ।

୯. ଏହି ବର୍ଷ ସ୍ୱଚ୍ଛ ସର୍ବେକ୍ଷଣ (ଗ୍ରାମୀଣ) [SS(G)] କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ତରଫରୁ ରାଜ୍ୟକୁ ୯ଟି ପୁରସ୍କାର ଦିଆଯାଇଅଛି ।

## (ଗ) ଅର୍ଥ ଆୟୋଗ ଅନୁଦାନ

### ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ ଆୟୋଗର ଅନାବଦ୍ଧ ଓ ଆବଦ୍ଧ ଅନୁଦାନ

ପଞ୍ଚଦଶ ଅର୍ଥ ଆୟୋଗ ୨୦୨୨-୨୩ ବର୍ଷ ନିମନ୍ତେ ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥା ଗୁଡ଼ିକ ସଶକ୍ତିକରଣ ଉପରେ ଗୁରୁତ୍ୱାରୋପ କରି ରାଜ୍ୟର ସମସ୍ତ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନ ଯଥା : - ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ ନିମନ୍ତେ ଆର୍ଥିକ ଅନୁଦାନର ବ୍ୟବସ୍ଥା କରିଛନ୍ତି ।

କମିଶନର ସୁପାରିଶକୁ ଗ୍ରହଣ କରି ରାଜ୍ୟ ସରକାର ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦକୁ ଯଥାକ୍ରମେ ୭୦:୨୦:୧୦ ଅନୁପାତରେ ଗ୍ରାମୀଣ ଜନସଂଖ୍ୟାକୁ ଆଧାର କରି ଅନୁଦାନ ସୁପାରିଶ କରିଛନ୍ତି ଏବଂ ଏହି ବ୍ୟବସ୍ଥା ରାଜ୍ୟ ସରକାର ଗ୍ରହଣ କରିଥିବା ପଞ୍ଚମ ଅର୍ଥ ଆୟୋଗର ସୁପାରିଶ ଅନୁରୂପ ଅଟେ ।

**ପଞ୍ଚଦଶ ଅର୍ଥ କମିଶନ ସୁପାରିଶ ଗୁଡ଼ିକ ନିମ୍ନରେ ପ୍ରଦାନ କରାଗଲା-**

୧. ଅନାବଦ୍ଧ ପାଣ୍ଠି (ମୋଟ ଅନୁଦାନର ଶତକଡ଼ା ୪୦ ଭାଗ) ସ୍ଥାନୀୟ ଗୋଷ୍ଠୀ ଭିତ୍ତିକ ଆବଶ୍ୟକତା ଅନୁସାରେ ବିନିଯୋଗ କରାଯିବ । କିନ୍ତୁ ଦରମା, ଅନ୍ୟାନ୍ୟ ପ୍ରତିଷ୍ଠାନ ବାବଦରେ ବ୍ୟୟ ହୋଇପାରିବ ନାହିଁ ।

୨. ଆବଦ୍ଧ ପାଣ୍ଠି (ମୋଟ ଅନୁଦାନର ଶତକଡ଼ା ୬୦ ଭାଗ) ବିଭିନ୍ନ ମୌଳିକ ସେବା ଯଥା :

କ) ପରିମଳ ଏବଂ ବାହ୍ୟ ମଳମୁକ୍ତ ସ୍ଥିତିକୁ ବଜାୟ ରଖିବା ପାଇଁ ବ୍ୟବସ୍ଥା ।

ଖ) ପାନୀୟଜଳ ଯୋଗାଣ, ବର୍ଷାଜଳ ଅମଳ ଓ ଜଳକୁ ପୁନଃ ବ୍ୟବହାର ଯୋଗ୍ୟ କରିବା ପାଇଁ କାର୍ଯ୍ୟ ।

ଶତକଡ଼ା ୫୦ ଭାଗ ଆବଦ୍ଧ ପାଣ୍ଠି ଉପରବର୍ଣ୍ଣିତ 'କ' ଓ 'ଖ' ବର୍ଗ ପାଇଁ ସ୍ୱତନ୍ତ୍ର ଭାବେ ଚିହ୍ନିତ ହୋଇ ରହିବ । ଯଦି ଉପରୋକ୍ତ କୌଣସି କାର୍ଯ୍ୟ ଅନ୍ୟ କୌଣସି ଅନୁଷ୍ଠାନ ଦ୍ୱାରା ସମ୍ପୂର୍ଣ୍ଣ ହୋଇଯାଇଥିବା ତେବେ ଅନ୍ୟାନ୍ୟ କ୍ଷେତ୍ରରେ ଏହି ଅର୍ଥ ବିନିଯୋଗ କରାଯାଇପାରିବ ।

ପଞ୍ଚଦଶ ଅର୍ଥ ଆୟୋଗ ସୁପାରିଶ ଆଧାରରେ ୨୦୨୨-୨୩ ବର୍ଷ ପାଇଁ ରାଜ୍ୟର ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡିକୁ ମୋଟ ୧୭୨୮ କୋଟି ଟଙ୍କା ନିମ୍ନମତେ ବଣ୍ଟନ କରାଯିବ ।

ଅର୍ଥରାଶି କୋଟିରେ

| ପଞ୍ଚଦଶ କେନ୍ଦ୍ର ଅର୍ଥ ଆୟୋଗ ଅନୁଦାନ | ଗ୍ରାମପଞ୍ଚାୟତ | ପଞ୍ଚାୟତ ସମିତି | ଜିଲ୍ଲା ପରିଷଦ | ମୋଟ |
|---|---|---|---|---|
| ଅନାବଦ୍ଧ ଅନୁଦାନ | ୪୮୩.୮୪ | ୧୩୮.୨୪ | ୬୯.୧୨ | ୬୯୧.୮୦ |
| ଆବଦ୍ଧ ଅନୁଦାନ | ୭୨୫.୭୬ | ୨୦୭.୩୬ | ୧୦୩.୬୮ | ୧୦୩୬.୮୦ |
| ମୋଟ | ୧୨୦୯.୬୦ | ୩୪୫.୬୦ | ୧୭୨.୮୦ | ୧୭୨୮.୦୦ |

ପଞ୍ଚଦଶ ଅର୍ଥ ଆୟୋଗ ଅନୁଦାନରେ ପଞ୍ଚାୟତିରାଜ ସଂସ୍ଥାମାନେ ଯେଉଁସବୁ ପ୍ରକଳ୍ପ କାର୍ଯ୍ୟକାରୀ କରାନ୍ତି, ତାହାକୁ ଜିପିଡିପି, ବିପିଡିପି, ଡିପିଡିପିରେ ପୃଥକ ଭାବରେ ଅନ୍ତର୍ଭୁକ୍ତ କରାଯାଇ ବିନିଯୋଗର ସୂଚାରୁରୂପେ ଅନୁଧ୍ୟାନ କରାଯାଏ । ଇ-ଗ୍ରାମସ୍ୱରାଜ ପୋର୍ଟାଲ ମାଧ୍ୟମରେ ଅର୍ଥ ବିନିଯୋଗର ତଦାରଖ କରାଯାଉଛି । ପଞ୍ଚାୟତିରାଜ ସଂସ୍ଥାମାନେ ବ୍ୟବହାର କରୁଥିବା ପଞ୍ଚଦଶ ଅର୍ଥ ଆୟୋଗ ଏକାଉଣ୍ଟର ସମୀକ୍ଷା ଅଡିଟ୍ ଅନ୍‌ଲାଇନ୍ ମାଧ୍ୟମରେ କରାଯାଉଛି । ଚଳିତ ବର୍ଷଠାରୁ ଗ୍ରାମ ପଞ୍ଚାୟତମାନେ ପ୍ରାପ୍ତ କରୁଥିବା ସିଏଫ୍‌ସି ଅନୁଦାନର ସାମାଜିକ ସମୀକ୍ଷା ଆରମ୍ଭ କରାଯାଇଛି ।

## ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ ଆୟୋଗର ସ୍ୱାସ୍ଥ୍ୟ କ୍ଷେତ୍ରରେ ଅନୁଦାନ

ପଞ୍ଚଦଶ ଅର୍ଥ ଆୟୋଗ ଗ୍ରାମାଞ୍ଚଳରେ ଥିବା ସ୍ୱାସ୍ଥ୍ୟ ଅନୁଷ୍ଠାନ ଯଥା CHC, PHCମାନଙ୍କର ଭିତ୍ତିଭୂମିର ବିକାଶ ଓ ଉନ୍ନତିକରଣ ନିମନ୍ତେ ଆର୍ଥିକ ଅନୁଦାନର ବ୍ୟବସ୍ଥା କରିଛନ୍ତି । ଓଡ଼ିଶା ରାଜ୍ୟକୁ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ନିମ୍ନଲିଖିତ ରାଶିର ଅନୁମୋଦନ କରାଯାଇଛି ।

୧. ଗ୍ରାମ୍ୟ ଜନସ୍ୱାସ୍ଥ୍ୟ କେନ୍ଦ୍ର ଓ ଉପକେନ୍ଦ୍ର ଗୁଡ଼ିକୁ ସ୍ୱାସ୍ଥ୍ୟ ଓ କଲ୍ୟାଣ କେନ୍ଦ୍ରରେ ପରିବର୍ତ୍ତନ - ୧୨୫.୩୩ କୋଟି ଟଙ୍କା ।

୨. ବିନା ଗୃହରେ ପରିଚାଳିତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଉପକେନ୍ଦ୍ରର ଗୃହ ନିର୍ମାଣ – ୭୨.୮୩ କୋଟି ଟଙ୍କା ।

୩. ମଣ୍ଡଳ ସ୍ତରୀୟ ଜନସ୍ୱାସ୍ଥ୍ୟ ୟୁନିଟ୍ ପ୍ରତିଷ୍ଠା ପାଇଁ ଅର୍ଥ ସହାୟତା – ୨୯.୦୮ କୋଟି ଟଙ୍କା ।

୪. ପ୍ରାଥମିକ ସ୍ୱାସ୍ଥ୍ୟ ସେବାକୁ ରୋଗନିଦାନ ଭିତ୍ତିଭୂମି ସହାୟତା – ୬୫.୫୦ କୋଟି ଟଙ୍କା ।

୫. ପ୍ରାଥମିକ ସ୍ୱାସ୍ଥ୍ୟ ସେବା – ଉପକେନ୍ଦ୍ର ଗୁଡ଼ିକୁ ରୋଗନିଦାନ ଭିତ୍ତିଭୂମି ସହାୟତା – ୬୧.୭୨ କୋଟି ଟଙ୍କା ।

## ପଞ୍ଚମ ରାଜ୍ୟ ଅର୍ଥ କମିଶନ :

ପଞ୍ଚମ ରାଜ୍ୟ ଅର୍ଥ କମିଶନ ଭାରତୀୟ ସମ୍ବିଧାନ ଧାରା 243-I ଓ 243-Y ଅନୁଯାୟୀ ମହାମହିମ ରାଜ୍ୟପାଳ, ଓଡ଼ିଶା ସରକାରଙ୍କ ଦ୍ୱାରା ଗଠିତ ହୋଇଅଛି । ତତ୍ ସହିତ ଆକ୍ଟ – ୧୯୯୩ର ଅର୍ଥ କମିଶନ (Micellaneous Provision) ସେକ୍‌ସନ୍ – ୩ ଏବଂ ସେକ୍‌ସନ୍ – ୮ (ଓଡ଼ିଶା act-28 of 1993) ତଥା Notification No. 15340 FIN-BUDG-SFC-0002-20187F dated 5th May, 2018 ଦ୍ୱାରା ସୁପାରିଶ କ୍ରମେ ରାଜ୍ୟ ଅର୍ଥକୁ ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥା ଗୁଡ଼ିକୁ ସମବଣ୍ଟନ କରାଯିବ । ପଞ୍ଚମ ରାଜ୍ୟ ଅର୍ଥ ଆୟୋଗ ରାଜ୍ୟର ଏକତ୍ରିକୃତ ପାଣ୍ଠିରୁ ପଞ୍ଚାୟତିରାଜ ଅନୁଷ୍ଠାନଙ୍କୁ ହସ୍ତାନ୍ତରଣ ପାଣ୍ଠି ଶୁଳ୍କ ସମର୍ପଣ, ସହାୟକ ଅନୁଦାନ ମାଧ୍ୟମରେ ଅର୍ଥ ପ୍ରଦାନର ସୁପାରିଶ କରିଛନ୍ତି ।

## ହସ୍ତାନ୍ତରଣ ପାଣ୍ଠି :

ପଞ୍ଚମ ରାଜ୍ୟ ଅର୍ଥ ଆୟୋଗଙ୍କ ସୁପାରିଶ କ୍ରମେ ରାଜ୍ୟ ସରକାର ରାଜ୍ୟର ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ୬୦:୩୦:୧୦ ଅନୁପାତରେ ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦକୁ ହସ୍ତାନ୍ତରଣ ପାଣ୍ଠି ଅନୁଦାନର ବ୍ୟବସ୍ଥା କରିଛନ୍ତି । ରାଜ୍ୟ ଅନୁସୂଚିତ ଜନଜାତି ବହୁଳ ଗ୍ରାମପଞ୍ଚାୟତମାନଙ୍କୁ ୨୫ ପ୍ରତିଶତ ଅଧିକ ଅର୍ଥିକ ଅନୁଦାନର ବ୍ୟବସ୍ଥା କରାଯାଇଛି । ଏହି ଅନୁଦାନ ଅନାବଦ୍ଧ ଅଟେ ଓ ଆବଶ୍ୟକତା ଅନୁସାରେ ଗୋଷ୍ଠୀ ଭିତ୍ତିକ ପ୍ରକଳ୍ପ ଗୁଡ଼ିକରେ ବିନିଯୋଗ କରାଯିବ ।

## ବର୍ଷାନୁସାରେ ପଞ୍ଚମ ରାଜ୍ୟ ଅର୍ଥ ଆୟୋଗଙ୍କ ଅବଧିରେ ହସ୍ତାନ୍ତରଣ ପାଣ୍ଠି :

(ଅର୍ଥରାଶି କୋଟିରେ)

| | ୨୦୨୦-୨୧ | ୨୦୨୧-୨୨ | ୨୦୨୨-୨୩ | ୨୦୨୩-୨୪ | ୨୦୨୪-୨୫ | ୨୦୨୫-୨୬ | ୨୦୨୦-୨୦୨୬ |
|---|---|---|---|---|---|---|---|
| ଗ୍ରାମପଞ୍ଚାୟତ | ୫୪୯.୦୫ | ୫୪୯.୦୫ | ୫୪୯.୦୫ | ୫୪୯.୦୫ | ୫୪୯.୦୫ | ୫୪୯.୦୫ | ୩୨୯୪.୩୦ |
| ପଞ୍ଚାୟତ ସମିତି | ୨୭୪.୫୩ | ୨୭୪.୫୩ | ୨୭୪.୫୩ | ୨୭୪.୫୩ | ୨୭୪.୫୩ | ୨୭୪.୫୩ | ୧୬୪୭.୧୮ |
| ଜିଲ୍ଲା ପରିଷଦ | ୯୧.୫୧ | ୯୧.୫୧ | ୯୧.୫୧ | ୯୧.୫୧ | ୯୧.୫୧ | ୯୧.୫୧ | ୫୪୯.୦୬ |
| ମୋଟ | ୯୧୫.୦୯ | ୯୧୫.୦୯ | ୯୧୫.୦୯ | ୯୧୫.୦୯ | ୯୧୫.୦୯ | ୯୧୫.୦୯ | ୫୪୯୦.୫୪ |

୨୦୨୨-୨୩ ଆର୍ଥିକ ବର୍ଷରେ ରାଜ୍ୟର ଜିଲ୍ଲା ପରିଷଦ, ପଞ୍ଚାୟତ ସମିତି, ଗ୍ରାମପଞ୍ଚାୟତମାନଙ୍କୁ ସମୁଦାୟ ୯୧୫.୦୯ କୋଟି ହସ୍ତାନ୍ତରଣ ଅର୍ଥ ମଞ୍ଜୁର କରାଯାଇଛି । ଏହି ଅର୍ଥକୁ ସ୍ଥାନୀୟ ଆବଶ୍ୟକତା ଅନୁଯାୟି ବିଭିନ୍ନ ପ୍ରକଳ୍ପ ଯଥା ପାନୀୟ ଜଳ, ରାସ୍ତା ଓ ନଳାପୋଲ, ରାସ୍ତା ଆଲୋକିକରଣ, ଗ୍ରାମ୍ୟ ଉଦ୍ୟାନ, ଖେଳ ପଡ଼ିଆ ଏବଂ ସରକାରୀ ସ୍ୱାସ୍ଥ୍ୟ ଓ ଶିକ୍ଷା ଅନୁଷ୍ଠାନମାନଙ୍କର ରକ୍ଷଣାବେକ୍ଷଣ ନିମନ୍ତେ ବିନିଯୋଗ କରାଯାଉଛି ।

## ଶୁଳ୍କ ସମର୍ପଣ :

ପଞ୍ଚମ ରାଜ୍ୟ ଅର୍ଥ ଆୟୋଗ ନିମ୍ନଲିଖିତ ମାଧ୍ୟମରେ ଶୁଳ୍କ ସମର୍ପଣ ରାଶି ବିତରଣ କରିବାର ସୁପାରିସ କରିଛନ୍ତି ।

| | | | | | | | *Rs. In Crore* |
|---|---|---|---|---|---|---|---|
| | **2020-21** | **2021-22** | **2022-23** | **2023-24** | **2024-25** | **2025-26** | **2020-2026** |
| Salary & Establishment cost | 551.19 | 581.26 | 613.14 | 646.93 | 682.74 | 720.29 | 3795.55 |
| Sitting fee, Honorarium, TA & DA | 115.21 | 115.21 | 115.21 | 115.21 | 115.19 | 115.19 | 691.22 |
| Maintenance/ Improvement of road infrastructure(out of MV Tax) | 93.15 | 100.60 | 108.65 | 117.34 | 126.73 | 136.87 | 683.34 |
| **TOTAL** | **759.55** | **797.07** | **837.00** | **879.48** | **924.66** | **972.35** | **5170.11** |

୧) ୨୦୨୨୨୩ ଆର୍ଥିକ ବର୍ଷରେ ଜିଲ୍ଲା ପରିଷଦ ସଭ୍ୟମାନଙ୍କର ପାରିତୋଷିକ ଦୈନିକ ଭତ୍ତା ଏବଂ ଅନ୍ୟାନ୍ୟ ଭତ୍ତା ନିମନ୍ତେ ୫.୭୨ କୋଟି ଟଙ୍କାର ଅର୍ଥ ମଞ୍ଜୁର କରାଯାଇଛି ।

୨) ୨୦୨୨-୨୩ ଆର୍ଥିକ ବର୍ଷରେ ପଞ୍ଚାୟତ ସମିତି ସଭ୍ୟମାନଙ୍କର ପାରିତୋଷିକ ଦୈନିକ ଭତ୍ତା ନିମନ୍ତେ ୨୦.୫୮ କୋଟି ଟଙ୍କାର ଅର୍ଥ ମଞ୍ଜୁର କରାଯାଇଛି ।

୩) ୨୦୨୨-୨୩ ଆର୍ଥିକ ବର୍ଷରେ ଗ୍ରାମପଞ୍ଚାୟତ ସଭ୍ୟମାନଙ୍କର ପାରିତୋଷିକ ଦୈନିକ ଭତ୍ତା ନିମନ୍ତେ ୫୫.୨୭ କୋଟି ଟଙ୍କାର ଅର୍ଥ ମଞ୍ଜୁର କରାଯାଇଛି ।

୪) ୨୦୨୨-୨୩ ଆର୍ଥିକ ବର୍ଷରେ ସଡକ ଭିତ୍ତିଭୂମିର ରକ୍ଷଣାବେକ୍ଷଣ ଓ ଉନ୍ନତିକରଣ (ଏମ୍‌ଭି ଟ୍ୟାକ୍ସ ରୁ) ନିମନ୍ତେ ୧୦୮.୬୫ କୋଟି ଟଙ୍କା ଅର୍ଥ ମଞ୍ଜୁର କରାଯାଇଛି ।

## ପଞ୍ଚମ ରାଜ୍ୟ ଅର୍ଥ ଆୟୋଗଙ୍କ ସହାୟକ ଅନୁଦାନ :

ଅଧିକନ୍ତୁ, ପଞ୍ଚମ ରାଜ୍ୟ ଅର୍ଥ ଆୟୋଗ ଗମନାଗମନର ଉନ୍ନତିକରଣ, ଗ୍ରାମପଞ୍ଚାୟତର ନିଜସ୍ୱ ଆୟ ବୃଦ୍ଧି, ଗ୍ରାମୀଣ ହାଟ ଉନ୍ନତିକରଣ, ଗ୍ରାମାଞ୍ଚଳରେ ବ୍ୟାଙ୍କିଙ୍ଗ ସୁବିଧା, ରାଜସ୍ୱ ବୃଦ୍ଧିକାରୀ ସମ୍ପତ୍ତି ସୃଷ୍ଟି, ସମ୍ପତ୍ତିର ରକ୍ଷଣାବେକ୍ଷଣ, ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ସୁବିଧା ସୁଯୋଗ, ପ୍ରାଥମିକ ବିଦ୍ୟାଳୟର ରକ୍ଷଣାବେକ୍ଷଣ, ରାସ୍ତା ଆଲୋକିକରଣ, ଗ୍ରାମୀଣ ଜଳାଶୟର ଉନ୍ନତିକରଣ ନିମନ୍ତେ ସ୍ୱତନ୍ତ୍ର ଅର୍ଥ ଅନୁଦାନ ସୁପାରିଶ କରିଛନ୍ତି । କମିଶନ ସ୍ଥିରିକୃତ କ୍ଷେତ୍ରର ଅର୍ଥ ଆବଶ୍ୟକତାକୁ ପୂରଣ କରିବା ପାଇଁ ନିମ୍ନଲିଖିତ ସହାୟକ ଅନୁଦାନର ସୁପାରିସ କରିଛନ୍ତି ।

*Rs. In Crore*

| | 2020-21 | 2021-22 | 2022-23 | 2023-24 | 2024-25 | 2025-26 | 2020-2026 |
|---|---|---|---|---|---|---|---|
| Drinking water (Piped Water Supply) | 125.00 | 125.00 | 125.00 | 125.00 | 125.00 | 125.00 | 750.00 |
| Tube well System (Solar Energy) | 41.66 | 41.66 | 41.67 | 41.67 | 41.67 | 41.67 | 250.00 |
| All weather connectivity | 97.69 | 97.69 | 97.69 | 97.69 | 97.69 | 97.70 | 586.15 |
| Provision of facilities at GP head-quarters | 113.30 | 113.30 | 113.30 | 113.30 | 113.30 | 113.30 | 679.80 |
| Provision of street lights | 56.66 | 56.66 | 56.67 | 56.67 | 56.67 | 56.67 | 340.00 |
| Development of Rural Haats | 50.00 | 50.00 | 50.00 | 50.00 | 50.00 | 50.00 | 300.00 |
| Maintenance of Capital assets | 58.33 | 58.33 | 58.33 | 58.33 | 58.34 | 58.34 | 350.00 |
| Maintenance of Primary School Buildings | 52.33 | 52.33 | 52.33 | 52.33 | 52.34 | 52.34 | 314.00 |
| Preservation & development of water bodies | 20.83 | 20.83 | 20.83 | 20.83 | 20.84 | 20.84 | 125.00 |
| Creation of capital assets for revenue generation | 141.66 | 141.66 | 141.67 | 141.67 | 141.67 | 141.67 | 850.00 |
| Funds for innovative Practices | 12.50 | 12.50 | 12.50 | 12.50 | 12.50 | 12.50 | 75.00 |
| Creation of District Data Centers at District Level for PRIs and ULBs | 25.00 | 25.00 | 25.00 | 25.00 | 25.00 | 25.00 | 150.00 |

| | | | | | | | *Rs. In Crore* |
|---|---|---|---|---|---|---|---|
| | **2020-21** | **2021-22** | **2022-23** | **2023-24** | **2024-25** | **2025-26** | **2020-2026** |
| Creation of Infrastructure for Banking facilities at GP Hqrs | 20.83 | 20.83 | 20.83 | 20.83 | 20.84 | 20.84 | 125.00 |
| Incentives | 0 | 32.00 | 32.00 | 32.00 | 32.00 | 32.00 | 160.00 |
| **TOTAL** | **815.79** | **847.79** | **847.82** | **847.82** | **847.86** | **847.87** | **5054.95** |

ଚଳିତ ଆର୍ଥିକ ବର୍ଷ ୨୦୨୨-୨୩ରେ ଏହି ବିଭାଗ ଦ୍ୱାରା ପଞ୍ଚମ ଏସ୍‌ଏଫସି ସହାୟକ ଅନୁଦାନ ଅଧିନରେ ନିମ୍ନଲିଖିତ ପ୍ରକଳ୍ପ ସଂଖ୍ୟା କାର୍ଯ୍ୟକାରୀ ନିମନ୍ତେ ଅନୁମୋଦନ କରାଯାଇଛି ।

୧) ଗ୍ରାମୀଣ ହାଟର ବିକାଶ ଅଧିନରେ ୪୮୦ ଗୋଟି ପ୍ରକଳ୍ପ ମଞ୍ଜୁର କରାଯାଉଛି ।

୨) ଗ୍ରାମପଞ୍ଚାୟତ ମୁଖ୍ୟ ଦପ୍ତରରେ ସୁବିଧା ବ୍ୟବସ୍ଥା ଅଧିନରେ ୧୦୫୪ ଗୋଟି ପ୍ରକଳ୍ପ ମଞ୍ଜୁର କରାଯାଇଛି ।

୩) ଜଳ ବିଭାଜିକା ଗୁଡିକର ଉନ୍ନତିକରଣ ଓ ସଂରକ୍ଷଣ ଅଧିନରେ ୨୯୭ ଗୋଟି ପ୍ରକଳ୍ପ ମଞ୍ଜୁର କରାଯାଇଛି ।

୪) ପ୍ରାଥମିକ ବିଦ୍ୟାଳୟର ରକ୍ଷଣା ବେକ୍ଷଣ ଅଧିନରେ ୧୭୯୮ ଗୋଟି ପ୍ରକଳ୍ପ ମଞ୍ଜୁର କରାଯାଇଛି ।

୫) ପୁଞ୍ଜି ସମ୍ପତ୍ତିର ରକ୍ଷଣାବେକ୍ଷଣ ଅଧିନରେ ୧୨୮୭ ଗୋଟି ପ୍ରକଳ୍ପ ମଞ୍ଜୁର କରାଯାଇଛି ।

୬) ରାଜସ୍ୱ ଆୟ ନିମିତ୍ତ ପୁଞ୍ଜି ସମ୍ପତ୍ତି ସୃଷ୍ଟି ଅଧିନରେ ୧୦୧୩ ଗୋଟି ପ୍ରକଳ୍ପ ମଞ୍ଜୁର କରାଯାଇଛି ।

ଅଧିକନ୍ତୁ ନଳ ଦ୍ୱାରା ପାନୀୟ ଜଳ ପ୍ରକଳ୍ପ ନିମନ୍ତେ ୧୨୫.୦୦ କୋଟି ଟଙ୍କା ଇଆଇସି, ଆରଡବ୍ଲୁଏସ୍ ଆଣ୍ଡ ଏସ୍.ଙ୍କୁ ମଞ୍ଜୁର କରାଯାଇଛି । ସେହିପରି ନଳକୂପ ପଦ୍ଧତି (ସୌରଶକ୍ତି) ପ୍ରକଳ୍ପ ନିମନ୍ତେ ୪୧.୬୬ କୋଟି ଟଙ୍କା ଇଆଇସି, ଆରଡବ୍ଲୁଏସ୍ ଆଣ୍ଡଏସ୍‌ଙ୍କୁ ମଞ୍ଜୁର କରାଯାଇଛି । ଗ୍ରାମାଞ୍ଚଳରେ ରାସ୍ତା ଆଲୋକିକରଣ ନିମନ୍ତେ ୫୬.୬୭ କୋଟି ଟଙ୍କା ଜିଲ୍ଲା ପରିଷଦମାନଙ୍କୁ ମଞ୍ଜୁର କରାଯାଇଛି ।

## ଅଣ ଆବାସିକ କୋଠାବାଡ଼ିର ରକ୍ଷଣାବେକ୍ଷଣ :

୨୦୨୨-୨୩ ଆର୍ଥିକ ବର୍ଷରେ ବଜେଟ୍ ବ୍ୟବସ୍ଥା ଥିବା ୧୫.୦୦ କୋଟି ଟଙ୍କାକୁ ପଞ୍ଚାୟତିରାଜ ସଂସ୍ଥା ମାନଙ୍କର ଅଣ ଆବାସିକ କୋଠାବାଡ଼ିର ରକ୍ଷଣାବେକ୍ଷଣ ନିମନ୍ତେ ବିନିଯୋଗ କରିବାର ପଦକ୍ଷେପ ନିଆଯାଇଛି । ସମୁଦାୟ ୧୫୫ ଗୋଟି ପ୍ରକଳ୍ପ ୨୦୨୨-୨୩ ଆର୍ଥିକ ବର୍ଷରେ ଅନୁମୋଦନ କରାଯାଇଛି ।

## ଆବାସିକ କୋଠାବାଡ଼ିର ରକ୍ଷଣାବେକ୍ଷଣ :

୨୦୨୨-୨୩ ଆର୍ଥିକ ବର୍ଷରେ ବଜେଟ୍ ବ୍ୟବସ୍ଥା ଥିବା ୧୨.୦୦ କୋଟି ଟଙ୍କାକୁ ପଞ୍ଚାୟତିରାଜ ସଂସ୍ଥାମାନଙ୍କର ଆବାସିକ କୋଠାବାଡ଼ିର ରକ୍ଷଣାବେକ୍ଷଣ ନିମନ୍ତେ ବିନିଯୋଗ କରିବାର ପଦକ୍ଷେପ ନିଆଯାଇଛି । ସମୁଦାୟ ୫୮୭ ଗୋଟି ପ୍ରକଳ୍ପ ୨୦୨୨-୨୩ ଆର୍ଥିକ ବର୍ଷରେ ଅନୁମୋଦନ କରାଯାଇଛି ।

## ଅଣ ଆବାସିକ କୋଠାବାଡ଼ିର ନିର୍ମାଣ :

୨୦୨୨-୨୩ ଆର୍ଥିକ ବର୍ଷରେ ବଜେଟ୍ ବ୍ୟବସ୍ଥା ଥିବା ୩୦.୦୦ କୋଟି ଟଙ୍କାକୁ ପଞ୍ଚାୟତିରାଜ ସଂସ୍ଥାମାନଙ୍କର ଅଣ ଆବାସିକ କୋଠାବାଡ଼ିର ନିର୍ମାଣ ନିମନ୍ତେ ବିନିଯୋଗ କରିବାର ପଦକ୍ଷେପ ନିଆଯାଇଛି । ସମୁଦାୟ ୧୧୩ ଗୋଟି ପ୍ରକଳ୍ପ ୨୦୨୨-୨୩ ଆର୍ଥିକ ବର୍ଷରେ ଅନୁମୋଦନ କରାଯାଇଛି ।

## ଆବାସିକ କୋଠାବାଡ଼ିର ନିର୍ମାଣ :

୨୦୨୨-୨୩ ଆର୍ଥିକ ବର୍ଷରେ ବଜେଟ୍ ବ୍ୟବସ୍ଥା ଥିବା ୧୫.୦୦ କୋଟି ଟଙ୍କାକୁ ପଞ୍ଚାୟତିରାଜ ସଂସ୍ଥା ମାନଙ୍କର ଆବାସିକ କୋଠାବାଡ଼ିର ନିର୍ମାଣ ନିମନ୍ତେ ବିନିଯୋଗ କରିବାର ପଦକ୍ଷେପ ନିଆଯାଇଛି । ସମୁଦାୟ ୧୫୯ ଗୋଟି ପ୍ରକଳ୍ପ ୨୦୨୨-୨୩ ଆର୍ଥିକ ବର୍ଷରେ ଅନୁମୋଦନ କରାଯାଇଛି ।

## ରାସ୍ତା ଓ ପୋଲ ମରାମତି ଓ ରକ୍ଷଣାବେକ୍ଷଣ :

୨୦୨୨-୨୩ ଆର୍ଥିକ ବର୍ଷରେ ବଜେଟ୍ ବ୍ୟବସ୍ଥା ଥିବା ୬୭.୯୪ କୋଟି ଟଙ୍କାକୁ ରାସ୍ତା ଓ ପୋଲ୍ ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ମଞ୍ଜୁର କରାଯିବାର ବ୍ୟବସ୍ଥା କରାଯାଇଛି । ସମୁଦାୟ ୨୦୨୬ ଗୋଟି ପ୍ରକଳ୍ପ ୨୦୨୨-୨୩ ଆର୍ଥିକ ବର୍ଷରେ ଅନୁମୋଦନ କରାଯାଇଛି ।

# ୩ ଭିତ୍ତିଭୂମି ବିକାଶ କାର୍ଯ୍ୟକ୍ରମ

## (କ) ଗୋପବନ୍ଧୁ ଗ୍ରାମୀଣ ଯୋଜନା

ଗୋପବନ୍ଧୁ ଗ୍ରାମୀଣ ଯୋଜନା ରାଜ୍ୟ ସରକାରଙ୍କ ନିଜସ୍ୱ ପାଣ୍ଠିରୁ ସମଗ୍ର ରାଜ୍ୟରେ କାର୍ଯ୍ୟକାରୀ ହେଉଅଛି । ସମ୍ପୃକ୍ତ ଜିଲ୍ଲାର ଗ୍ରାମାଞ୍ଚଳରେ ଅତିରିକ୍ତ ଉନ୍ନୟନ ଅର୍ଥ ଯୋଗାଇ ବିଦ୍ୟୁତ ସଂଯୋଗୀକରଣ, ସିମେଣ୍ଟ କଂକ୍ରିଟ ରାସ୍ତା ସହିତ ଡ୍ରେନ ନିର୍ମାଣ ଏବଂ ଜଳସେଚନ ଓ ପାନୀୟ ଜଳର ସୁବନ୍ଦୋବସ୍ତ କରିବା ଏହି ଯୋଜନାର ମୂଳ ଲକ୍ଷ୍ୟ ଅଟେ ।

ଚଳିତ ୨୦୨୨-୨୩ ଆର୍ଥିକ ବର୍ଷରେ ଡିସେମ୍ବର ମାସ ସୁଦ୍ଧା ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ୮୮.୬୫ କି.ମି. ସିମେଣ୍ଟ କଂକ୍ରିଟ ରାସ୍ତା ନିର୍ମାଣ ସମେତ ୧୧୮୭ ଗୋଟି ପ୍ରକଳ୍ପର କାର୍ଯ୍ୟ ସଂପୂର୍ଣ୍ଣ କରାଯାଇଅଛି ।

## (ଖ) ୨୦୨୨-୨୩ ବର୍ଷ ପାଇଁ ସାଂସଦ ଆଦର୍ଶ ଗ୍ରାମ ଯୋଜନା ସମ୍ପର୍କିତ ବାର୍ଷିକ କାର୍ଯ୍ୟକଳାପ ବିବରଣୀ

ସାଂସଦ ଆଦର୍ଶ ଗ୍ରାମ ଯୋଜନାର ଶୁଭାରମ୍ଭ ଭାରତ ସରକାରଙ୍କ ଗ୍ରାମ୍ୟ ବିକାଶ ମନ୍ତ୍ରଣାଳୟ ଦ୍ୱାରା ୨୦୧୪ ମସିହା ଅକ୍ଟୋବର ମାସ ୧୧ ତାରିଖରେ କରାଯାଇଥିଲା । ଏହି ଯୋଜନାଟି ମହାତ୍ମା ଗାନ୍ଧିଙ୍କ ପ୍ରଦର୍ଶିତ ନୀତି ଓ ଆଦର୍ଶ ଦ୍ୱାରା ଅନୁପ୍ରାଣିତ । ଗ୍ରାମ୍ୟ ଅଧିବାସୀମାନଙ୍କ ମଧ୍ୟରେ ଦେଶାତ୍ମବୋଧ, ଆତ୍ମବିଶ୍ୱାସ ଓ ସାମୁହିକ ଚେତନା ଜାଗ୍ରତ କରାଇବା ସଙ୍ଗେ ସଙ୍ଗେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପାଦନ କରିବା ଏହି ଯୋଜନାର ଲକ୍ଷ୍ୟ ଅଟେ । ଗ୍ରାମ୍ୟଭାରତର ଆତ୍ମାକୁ ଅକ୍ଷୁର୍ଣ୍ଣ ରଖିବା ସହ ଏହାର ଅଧିବାସୀମାନଙ୍କୁ ସର୍ବନିମ୍ନ ସୁବିଧା ସୁଯୋଗ ଯୋଗାଇଦେଇ ସେମାନଙ୍କୁ ନିଜେ ନିଜର ଭାଗ୍ୟବିଧାତା ହେବା ନିମନ୍ତେ ସହଯୋଗ କରିବା ଏହି ଯୋଜନାର ମୂଳମନ୍ତ୍ର ।

ସାଂସଦ ଆଦର୍ଶ ଗ୍ରାମ ଯୋଜନାଟି ସମ୍ପୂର୍ଣ୍ଣ ରୂପେ ଗ୍ରାମ୍ୟବିକାଶ ନିମନ୍ତେ ସମର୍ପିତ । ଏଥିପାଇଁ ରାଜ୍ୟର ପ୍ରତ୍ୟେକ ସାଂସଦ ସମତଳ ଅଞ୍ଚଳର ୩୦୦୦ରୁ ୫୦୦୦ ଜନସଂଖ୍ୟା ବିଶିଷ୍ଟ ଗୋଟିଏ ଗ୍ରାମପଞ୍ଚାୟତକୁ ବା ପାର୍ବତ୍ୟ ଆଦିବାସୀ ଅଧ୍ୟୁଷିତ, ଦୁର୍ଗମ ଇଲାକା ହୋଇଥିଲେ ୧୦୦୦ରୁ ୩୦୦୦ ଜନସଂଖ୍ୟା ବିଶିଷ୍ଟ ଗୋଟିଏ ଗ୍ରାମପଞ୍ଚାୟତକୁ ପୋଷ୍ୟ ଗ୍ରାମପଞ୍ଚାୟତ ରୂପେ ଗ୍ରହଣ କରିବେ । ଏହି ଗ୍ରାମପଞ୍ଚାୟତଟି ତାଙ୍କ ନିଜର ଓ ତାଙ୍କ ପତି ବା ପତ୍ନୀଙ୍କର ନିଜ ଗ୍ରାମପଞ୍ଚାୟତ ହୋଇ ନଥିବା ଆବଶ୍ୟକ । ପ୍ରତ୍ୟେକ ସାଂସଦ ୨୦୧୯-୨୪ ମଧ୍ୟରେ ପାଞ୍ଚଗୋଟି ଗ୍ରାମପଞ୍ଚାୟତକୁ (ପ୍ରତିବର୍ଷ ଗୋଟିଏ କରି) ଆଦର୍ଶ ଗ୍ରାମପଞ୍ଚାୟତ ରୂପେ ଗଢିତୋଳିବାର ଲକ୍ଷ୍ୟ ରଖି ଚୟନ କରିବେ । ଗ୍ରାମବାସୀଙ୍କର ସାମାଜିକ ବିକାଶ ସହ ବ୍ୟକ୍ତିଗତ, ପାରିପାର୍ଶ୍ୱିକ ଓ ଆର୍ଥିକ ବିକାଶ ଏହାର ଉଦ୍ଦେଶ୍ୟ । ଏହି ଯୋଜନାରେ ସାମିଲ ଗ୍ରାମପଞ୍ଚାୟତ ଗୁଡ଼ିକୁ

ନିକଟବର୍ତ୍ତୀ ଗ୍ରାମପଞ୍ଚାୟତମାନଙ୍କ ନିମନ୍ତେ ଉଦାହରଣ ରୂପେ ଗଢ଼ିତୋଳିବା ମଧ୍ୟ ଏହି ଯୋଜନାର ଅନ୍ୟତମ ଉଦ୍ଦେଶ୍ୟ । ଚିହ୍ନିତ ଗ୍ରାମପଞ୍ଚାୟତ ଗୁଡ଼ିକରେ ପାନୀୟଜଳ ଯୋଗାଣ, ବାସଗୃହ ନିର୍ମାଣ, ବିଦ୍ୟୁତ ଯୋଗାଣ, ରାସ୍ତା ନିର୍ମାଣ, ଶିଶୁ ଉଦ୍ୟାନ, ଖେଳପଡ଼ିଆ ଓ ଶ୍ମଶାନର ବିକାଶ, ଉଦ୍‌ବୃତ୍ତ ଜଳର ନିଷ୍କାସନ, ବୃକ୍ଷ ରୋପଣ, ବର୍ଷା ଜଳର ସଂରକ୍ଷଣ ଇତ୍ୟାଦି ଉନ୍ନୟନ ମୂଳକ କାର୍ଯ୍ୟ ସହ ଗ୍ରାମବାସୀମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ଯଥା ଶତପ୍ରତିଶତ ଶିଶୁଙ୍କର ହାସପାତାଲରେ ଜନ୍ମ, ସେମାନଙ୍କ ଟିକାକରଣ, ଶିଶୁ, କିଶୋରୀ, ଗର୍ଭବତୀ ତଥା ସ୍ତନ୍ୟପାନ କରାଉଥିବା ମହିଳାମାନଙ୍କୁ ଉପଯୁକ୍ତ ପୋଷଣ ଯୋଗାଣ, ଶାରୀରିକ ଅକ୍ଷମଙ୍କୁ ସମସ୍ତ ସହାୟତା ପ୍ରଦାନ, ଗ୍ରାମବାସୀଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତାର ସୃଷ୍ଟି, ସେମାନଙ୍କୁ ନିଶା ସେବନ, ତମାଖୁ ଚର୍ବଣ ଇତ୍ୟାଦି କୁଅଭ୍ୟାସରୁ ଦୂରେଇ ରଖିବା, ଆବାଳବୃଦ୍ଧ ବନିତାଙ୍କୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନର ବ୍ୟବସ୍ଥା କୃଷି, ପଶୁପାଳନ ସମ୍ବନ୍ଧୀୟ ବୈଷୟିକ ଜ୍ଞାନକୌଶଳ ପ୍ରଦାନ, ଶସ୍ୟବ୍ୟାଙ୍କ ପ୍ରତିଷ୍ଠା, ଗ୍ରାମ୍ୟ ଓ ପରିବେଶ ପର୍ଯ୍ୟଟନର ବିକାଶ, ଅନୁସୂଚିତ ଜାତି ଓ ଉପଜାତିଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରାଇବା, ନିୟମିତ ବ୍ୟବଧାନରେ ଗ୍ରାମସଭା ଅନୁଷ୍ଠିତ କରାଇବା, ସମସ୍ତଙ୍କୁ ଆଧାରକାର୍ଡ ଯୋଗାଣର ବ୍ୟବସ୍ଥା, ଜନ୍ମ ମୃତ୍ୟୁର ଶତପ୍ରତିଶତ ପଞ୍ଜୀକରଣ ଇତ୍ୟାଦି ସମସ୍ତ କାର୍ଯ୍ୟ ଏହି ଯୋଜନାର ଏକ ଏକ ଅଙ୍ଗ ଅଟେ ।

ଉପରୋକ୍ତ ସମସ୍ତ ଲକ୍ଷ୍ୟର ବାସ୍ତବ ରୂପାୟନ ନିମନ୍ତେ ଗ୍ରାମବାସୀଙ୍କ ସହଯୋଗ ଏକାନ୍ତ ଆବଶ୍ୟକ । ବିଭିନ୍ନ କେନ୍ଦ୍ରୀୟ ଯୋଜନା, କେନ୍ଦ୍ରୀୟ ସହାୟତା ପ୍ରାପ୍ତ ଯୋଜନା, ରାଜ୍ୟ ସରକାରଙ୍କ ଯୋଜନା ତଥା ସାଂସଦମାନଙ୍କର ହାତ ପାଣ୍ଠିରୁ ଏଥି ନିମନ୍ତେ ଆବଶ୍ୟକ ସମ୍ବଳ ସଂଗ୍ରହ କରାଯିବ । ଯୋଜନାଗୁଡ଼ିକୁ ରୂପାୟନ କରୁଥିବା ସରକାରୀ ବିଭାଗମାନଙ୍କ ମଧ୍ୟରେ ସମନ୍ୱୟ ଦ୍ୱାରା ହିଁ ଏହା ସମ୍ଭବପର ହୋଇପାରିବ । ଶ୍ରମିକ, ଶିଶୁ ଶ୍ରମିକ ତଥା ହାତରେ ମଇଳା ସଫେଇ ପ୍ରଥାର ଉଚ୍ଛେଦ, ଜନ୍ମ ମୃତ୍ୟୁର ଶତପ୍ରତିଶତ ପଞ୍ଜୀକରଣ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଇତ୍ୟାଦି ଏହି ଯୋଜନା କାର୍ଯ୍ୟକାରୀ ହେଲେ ସମ୍ଭବ ହୋଇପାରିବ ।

## ସାଂସଦ ଆଦର୍ଶ ଗ୍ରାମ ଯୋଜନା(ସାଗି)ର ସଫଳ କାର୍ଯ୍ୟାନ୍ୱୟନର କିଛି ଉଦାହରଣ ନିମ୍ନରେ ଦିଆଗଲା

୧. ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସହ ମିଶି ଧଉଳି ସାଗି ଗ୍ରାମ ପଞ୍ଚାୟତରେ ସୌରଶକ୍ତିରେ ସଜିତ ୫୦୦ ଅତ୍ୟାଧୁନିକ ବାତ୍ୟା ଆଶ୍ରୟ ଗୃହ ନିର୍ମାଣ କରାଯାଇଛି ।

୨. କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ବ୍ଲକ ଅନ୍ତର୍ଗତ ବିଲବାଡ଼ି ସାଗି ଗ୍ରାମ ପଞ୍ଚାୟତରେ ୩୫୬ଟି ପରିବାରରେ ଶକ୍ତି ବିଭାଗ ସହଯୋଗରେ ବ୍ୟକ୍ତିଗତ ସୋଲାର ପ୍ୟାନେଲ୍ ସ୍ଥାପନା କରାଯାଇଛି ।

୩. ପିଇବା ପାଣି ପାଇଁ ୫ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ଓଭରହେଡ୍ ଟାଙ୍କି ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ମିଳିତ ସହଯୋଗରେ ଘରୋଇ ଉଦ୍ଦେଶ୍ୟରେ ଜଗତସିଂହପୁର ଜିଲ୍ଲା ବିରିଡ଼ି ବ୍ଲକ୍ ଅନ୍ତର୍ଗତ

ଅରଣା ସାଗି ଗ୍ରାମ ପଞ୍ଚାୟତରେ ନିର୍ମାଣ କରାଯାଇଛି । ସେହି ଗ୍ରାମ ପଞ୍ଚାୟତରେ ସ୍ୱଚ୍ଛ ଭାରତ ମିଶନ ସହିତ ସମନ୍ୱୟ ରକ୍ଷା କରି  ବର୍ଜ୍ୟବସ୍ତୁ ପୃଥକୀକରଣ ପ୍ଲାଣ୍ଟ ସ୍ଥାପନା କରାଯାଇଛି ।

୪. ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସହ ମିଶି ୧୦୦ ଜଣ ବସିବା କ୍ଷମତା ବିଶିଷ୍ଟ କମ୍ପ୍ୟୁଟର କେନ୍ଦ୍ର ଓ ଇ-ପାଠାଗାର ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍ ଅନ୍ତର୍ଗତ କାଲିକୋ ସାଗି ଗ୍ରାମପଞ୍ଚାୟତରେ ନିର୍ମାଣ କରାଯାଇଛି ।

## (ଖ) ଜାତୀୟ ରୁର୍ବାନ ଅଭିଯାନ ଯୋଜନା

ଜାତୀୟ ରୁର୍ବାନ ଅଭିଯାନ ଭାରତ ସରକାରଙ୍କ ଏକ ଯୋଜନା ଯାହାକି କେନ୍ଦ୍ର କ୍ୟାବିନେଟ୍ ଦ୍ୱାରା ୧୬ ସେପ୍ଟେମ୍ବର ୨୦୧୫ ମସିହାରେ ଓ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ୨୧ ଫେବୃୟାରୀ ୨୦୧୬ରେ ଅନୁମୋଦନ ହୋଇଅଛି । ଜାତୀୟ ରୁର୍ବାନ ଅଭିଯାନର ଲକ୍ଷ୍ୟ ହେଲା, କେତେକ ସଂଲଗ୍ନ ଗ୍ରାମମାନଙ୍କୁ ନେଇ ଏକ ରୁର୍ବାନ କେନ୍ଦ୍ରସ୍ଥଳୀ ଗଠନ କରାଯାଇ ରାଜ୍ୟ ଗୋଷ୍ଠୀ ଜୀବନର ସମସ୍ତ ପ୍ରକାର ମୌଳିକ ଉପାଦାନକୁ ଉଜୀବିତ କରାଇବା ସହିତ ଏହାର ସଂରକ୍ଷଣ ମଧ୍ୟ କରାଯାଇ ସହରାଞ୍ଚଳରେ ଉପଲବ୍ଧ ହେଉଥିବା ସମସ୍ତ ପ୍ରକାରର ସୁବିଧା ସୁଯୋଗ ଗ୍ରହଣ କରି ସମାନତା ଓ ଅନ୍ତର୍ଭୁକ୍ତି କରଣ ପ୍ରକ୍ରିୟା ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରି ରୁର୍ବାନ ଗ୍ରାମର ଏକ କେନ୍ଦ୍ରସ୍ଥଳୀ ସୃଷ୍ଟି କରିବା । ଏତଦ୍ବ୍ୟତୀତ ଆଞ୍ଚଳିକ, ଅର୍ଥନୈତିକ ବିକାଶକୁ ତ୍ୱରାନ୍ୱିତ କରିବା ସହିତ ଲୋକମାନଙ୍କ ପାଖରେ ଉଦ୍ଧିଷ୍ଟ ସମସ୍ତ ପ୍ରକାର ମୌଳିକ ସେବାଗୁଡ଼ିକୁ ପର୍ଯ୍ୟାପ୍ତ ପରିମାଣରେ ଉପଲବ୍ଧ କରାଇ ଏକ ଉତ୍ତମ ଯୋଜନାଯୁକ୍ତ ରୁର୍ବାନ କେନ୍ଦ୍ରସ୍ଥଳୀ ସୃଷ୍ଟି କରାଇବା ହେଉଛି ଜାତୀୟ ରୁର୍ବାନ ଅଭିଯାନ (NRuM) ଯୋଜନାର ମୂଳ ଲକ୍ଷ୍ୟ ।

ଅଦ୍ୟାବଧି ରାଜ୍ୟର ୧୪ ଗୋଟି ରୁର୍ବାନ କେନ୍ଦ୍ରସ୍ଥଳୀର ବିକାଶ ପାଇଁ ଭାରତ ସରକାରଙ୍କର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଦ୍ୱାରା ଅନୁମୋଦନ ଲାଭ କରିଅଛି । ସେହିଗୁଡ଼ିକ ହେଲା କଟକ ଜିଲ୍ଲାର "ତାଳବସ୍ତ", ଖୋର୍ଦ୍ଧା ଜିଲ୍ଲାର "ରାଣିପଡ଼ା", କଳାହାଣ୍ଡି ଜିଲ୍ଲାର "ଉତକେଲା", ଝାରସୁଗୁଡ଼ା ଜିଲ୍ଲାର "ସାମଶିଙ୍ଘା", ମୟୁରଭଞ୍ଜ ଜିଲ୍ଲାର  "ଠାକୁରମୁଣ୍ଡା", ବରଗଡ଼ ଜିଲ୍ଲାର "ଦହିତା", ଗଞ୍ଜାମ ଜିଲ୍ଲାର "କେଶପୁର", ବଲାଙ୍ଗିର ଜିଲ୍ଲାର "ଶିବତାଲା", କନ୍ଧମାଳ ଜିଲ୍ଲାର "କୋଟଗଡ଼", ନବରଙ୍ଗପୁର ଜିଲ୍ଲାର "ମୁରତମା", ବାଲେଶ୍ୱର ଜିଲ୍ଲାର "ରାଇବଣିଆ", ସୁନ୍ଦରଗଡ଼ ଜିଲ୍ଲାର "କୁଆରମୁଣ୍ଡା", ରାୟଗଡ଼ା ଜିଲ୍ଲାର "ପୁଟାସିଙ୍ଗ" ଏବଂ କୋରାପୁଟ ଜିଲ୍ଲାର "ମରିଚମାଳ" ।

ସ୍ଥାନୀୟ ଅନ୍ତଃଶକ୍ତି ଭିତ୍ତିରେ ଏହି ୧୪ ଗୋଟି ରୁର୍ବାନ କ୍ଲଷ୍ଟରକୁ ଯଥା ହସ୍ତ ଶିଳ୍ପ, ବୟନିକା, କୃଷିଭିତ୍ତିକ ଇତ୍ୟାଦି ରୂପେ ବର୍ଗୀକରଣ କରାଯାଇଅଛି । ବିଷୟଗତ ବର୍ଗୀକରଣ ସେହି ରୁର୍ବାନ କ୍ଲଷ୍ଟରର ଉପାଦାନ ପୁଞ୍ଜି ଲଗାଣ ନିମନ୍ତେ ସୁସମ୍ପନ୍ନ ହୋଇଅଛି ଏବଂ ରୁର୍ବାନ୍ କ୍ଲଷ୍ଟରର ଅର୍ଥନୈତିକ କାର୍ଯ୍ୟକଳାପ ବୃଦ୍ଧି ପାଇଅଛି । ଏହା ବ୍ୟତୀତ ଅର୍ଥନୈତିକ କାର୍ଯ୍ୟକଳାପ ମୌଳିକ ଅନ୍ତ ନିର୍ମାଣ ଯଥା ରାସ୍ତାର ନାଳ, ପାଇପ ଜଳ ଯୋଗାଣ, ବିଶ୍ରାମ ଗୃହ, ବିପଣନ ବଜାର ଏବଂ ପାଚେରୀ ନିର୍ମାଣ ଇତ୍ୟାଦି ସୁବିଧା ପହଞ୍ଚାଇ ରୁର୍ବାନ

କ୍ଲଷ୍ଟରର ବିକାଶ କରାଯାଉଅଛି । ଏହିପରି ଉନ୍ନତିମୂଳକ କାର୍ଯ୍ୟ ହେଉଥିବାରୁ ତଥା ସମସ୍ତ ରୁର୍ବାନ୍ କ୍ଲଷ୍ଟରଗୁଡ଼ିକରେ ଯୋଜନା ଏରିଆ ପାଇଁ ବିଜ୍ଞପ୍ତି ଜାରି କରାଯାଇଥିବାରୁ ଓଡ଼ିଶାକୁ ପ୍ରଥମ ରାଜ୍ୟ ଭାବେ ପ୍ରଶଂସିତ କରାଯାଇଅଛି । ପ୍ରଥମ ପର୍ଯ୍ୟାୟରେ ତାଳବସ୍ତ ରୁର୍ବାନ କ୍ଲଷ୍ଟରକୁ ମାର୍ଗଦର୍ଶୀ ପରିକଳ୍ପନା (pilot project) ରୂପେ ନିଆଯାଇ ଏହାର ପୋଷଣୀୟ ବିକାଶ ପାଇଁ ଏକ ବିସ୍ତୃତ ଜମି ବ୍ୟବହାର୍ଯ୍ୟ ନକ୍ସା ସାର୍ବିକ ରେଖାଚିତ୍ର (Master Plan) ଆକାରରେ ପ୍ରସ୍ତୁତ କରାଯାଉଅଛି ।

ସମସ୍ତ ୧୪ ଗୋଟି ରୁର୍ବାନ କେନ୍ଦ୍ରସ୍ଥଳୀର ବିକାଶ ପାଇଁ ପଦକ୍ଷେପ ନିଆଯାଉଅଛି । ଭାରତ ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା ରୁର୍ବାନ କ୍ଲଷ୍ଟର ଗୁଡ଼ିକର ସମନ୍ୱିତ କେନ୍ଦ୍ରସ୍ଥଳୀ କାର୍ଯ୍ୟକାରୀ ଯୋଜନା (ICAPs) ଏବଂ ସବିଶେଷ ପ୍ରକଳ୍ପ ବିବରଣୀ (DPRs)ର ପରିବର୍ତ୍ତନର ଆବଶ୍ୟକତା ଅନୁଯାୟୀ ତଥା ମାନଦଣ୍ଡ କାର୍ଯ୍ୟ ପଦ୍ଧତି ଅନୁସରଣ କରି କାର୍ଯ୍ୟାନ୍ୱୟନ ପାଇଁ ସଂଶୋଧନ କରାଯାଇଅଛି । ତାହା ରାଜ୍ୟସ୍ତରୀୟ କ୍ଷମତାପନ୍ନ କମିଟି ଓ ଭାରତ ସରକାରଙ୍କ ଗ୍ରାମ୍ୟ ବିକାଶ ମନ୍ତ୍ରଣାଳୟ ଦ୍ୱାରା ଅନୁମୋଦିତ ହୋଇଅଛି । ଏହି ଯୋଜନାର ଜନସାଧାରଣଙ୍କ ପରିଚିତ ପାଇଁ କ୍ଲଷ୍ଟର ସ୍ତରରେ ଏବଂ ରାଜ୍ୟସ୍ତରରେ ସୂଚନା ଶିକ୍ଷା ତଥା ଯୋଗାଯୋଗ (IEC) ମାଧ୍ୟମରେ ବ୍ୟାପକ କାର୍ଯ୍ୟକ୍ରମ କରାଯାଇଅଛି । ଏପରିକି ପ୍ରତିବର୍ଷ ଜାନୁୟାରୀ ମାସରେ ଶିଶିର ସରସ ମେଳାରେ ପ୍ରଚାରପତ୍ର ତଥା ରୁର୍ବାନ କ୍ଲଷ୍ଟର ଗୁଡ଼ିକରେ ଉତ୍ପନ୍ନ ହେଉଥିବା ସାମଗ୍ରୀଗୁଡ଼ିକ ପ୍ରଦର୍ଶନ କରାଯାଇ କ୍ଲଷ୍ଟର ମଧ୍ୟରେ ବୃତ୍ତିଗତ ଜୀବିକା ଅଭିବୃଦ୍ଧି ପାଇଁ ସୁଯୋଗ ସୃଷ୍ଟି କରାଯାଉଅଛି । ହିତାଧିକାରୀ ମାନଙ୍କ ମଧ୍ୟରେ ଯୋଜନା ସମ୍ପର୍କରେ ପ୍ରଭାବିତ ହେବାପାଇଁ ସ୍ଥାନୀୟ ସ୍ତରରେ ନିୟମିତ ଭାବରେ ମୂଲ୍ୟାଙ୍କନ କରାଯାଉଅଛି । ଏଥିମଧ୍ୟରୁ କ୍ଲଷ୍ଟର ଗୁଡ଼ିକରେ ଅନେକ ଅର୍ଥନୈତିକ କାର୍ଯ୍ୟକାରୀ ଯୋଜନା ହାତକୁ ନିଆଯାଇ ଛତୁଚାଷ, ଲେମନ ଘାସ ପ୍ୟାକେଜିଂ କାର୍ଯ୍ୟ ଆରମ୍ଭ କରାଯାଇଅଛି । ଉତ୍ପାଦକ ଗୋଷ୍ଠୀ ଗଠନ କରାଯାଇ ସେମାନଙ୍କୁ ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି (ଓରମାସ୍)ର ବୈଷୟିକ ପରାମର୍ଶରେ ପ୍ରଶିକ୍ଷଣ ପ୍ରଦାନ କରାଯାଇ ଅର୍ଥନୈତିକ ବିକାଶ ପାଇଁ ପ୍ରୟାସ ଚାଲୁ ରହିଅଛି । ସମୟ ସହିତ ରୁର୍ବାନ ମିଶନ୍ MIS ମାଧ୍ୟମରେ ସମସ୍ତ ଅଗ୍ରଗତି ସ୍ଥାନାନ୍ତର କରି ସମ୍ପୂର୍ଣ୍ଣ ସ୍ୱଚ୍ଛ ଏବଂ ଡିଜିଟାଇଜଡ୍ ପ୍ଲାଟଫର୍ମ ଆଡ଼କୁ ଗତି କରୁଛି । ଅନଲାଇନ୍ ପେମେଣ୍ଟ ସକ୍ଷମ କରିବାକୁ ସର୍ବବିଦିତ ଆର୍ଥିକ ପରିଚାଳନା ପଦ୍ଧତି (PFMS) ଏବଂ ରୁର୍ବାନ୍ ସଫ୍ଟ ଏକୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଅଛି । Geo Rurban ଆପରେ ଜିଓ-ଟ୍ୟାଗ୍ ମାଧ୍ୟମରେ ପ୍ରକଳ୍ପର ଶାରୀରିକ ସ୍ଥିତିକୁ ଅଦ୍ୟତନ କରାଯାଉଛି । ଜାତୀୟ ରୁର୍ବାନ ମିଶନ ଯୋଜନାରେ ପ୍ରାପ୍ତ ଅର୍ଥର ୮୦% ବ୍ୟୟ ହୋଇଅଛି ଏବଂ ଏହାର ବିନିଯୋଗ ପ୍ରମାଣପତ୍ର କେନ୍ଦ୍ର ସରକାରଙ୍କୁ ପ୍ରଦାନ କରାଯାଇଅଛି ।

ବିଶ୍ୱବ୍ୟାପି ମହାମାରୀ କୋଭିଡ୍-୧୯ ପରିସ୍ଥିତିରେ କ୍ଲଷ୍ଟର ସ୍ତରରେ ଭିତ୍ତିଭୂମି ସଂରଚନା କରାଯାଇ ରୋଗ ଏବଂ ସ୍ୱାସ୍ଥ୍ୟ ସମ୍ପର୍କରେ ପ୍ରାକ୍ ସାବଧାନତା ସମ୍ପର୍କରେ ବ୍ୟାପକ ଜନ ସଚେତନତା ସୃଷ୍ଟି କରାଯାଇଅଛି ।

ଗରିବ କଲ୍ୟାଣ ଯୋଜନା ମାଧ୍ୟମରେ କେତେକ ରୁର୍ବାନ କ୍ଲଷ୍ଟରରେ ଫେରନ୍ତା ପ୍ରବାସୀ ଶ୍ରମିକ ମାନଙ୍କ ପାଇଁ ରୋଜଗାର ସୁଯୋଗ ସୃଷ୍ଟି କରାଯାଇଅଛି ।

ଭାରତ ସରକାରଙ୍କର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଠାରୁ ଜାତୀୟ ରୁର୍ବାନ ମିଶନ ଯୋଜନାରେ ୩୧.୧୨.୨୦୨୨ ପର୍ଯ୍ୟନ୍ତ ପ୍ରାପ୍ତ ହୋଇଥିବା କେନ୍ଦ୍ରୀୟ ଅନୁଦାନ ଏବଂ ରାଜ୍ୟ ଅନୁରୂପ ଅନୁଦାନ ନିମ୍ନରେ ପ୍ରଦାନ କରାଗଲା ।

(ଟଙ୍କା କୋଟିରେ)

| ଆର୍ଥିକ ବର୍ଷ | କେନ୍ଦ୍ରୀୟ ଅନୁଦାନ | ରାଜ୍ୟ ଅନୁରୂପ ଅନୁଦାନ | ମୋଟ୍ |
|---|---|---|---|
| ୨୦୧୫-୧୬ | ୧.୬୫ | ୦.୦୦ | ୧.୬୫ |
| ୨୦୧୬-୧୭ | ୪୫.୦୫ | ୩୦.୦୩ | ୭୫.୦୮ |
| ୨୦୧୭-୧୮ | ୨୦.୩୦ | ୧୩.୫୩ | ୩୩.୮୩ |
| ୨୦୧୮-୧୯ | ୧୩.୫୦ | ୯.୦୦ | ୨୨.୫୦ |
| ୨୦୧୯-୨୦ | ୫.୪୦ | ୩.୬୦ | ୯.୦୦ |
| ୨୦୨୦-୨୧ | ୧୦.୮୦ | ୭.୨୦ | ୧୮.୦୦ |
| ୨୦୨୧-୨୨ | ୦.୪୨ | ୦.୨୮ | ୦.୭୦ |
| ୨୦୨୨-୨୩ | ୦.୦୦ | ୧୯.୯୩ | ୧୯.୯୩ |
| **ମୋଟ୍** | **୯୭.୧୨** | **୮୩.୫୭୩୩** | **୧୮୦.୬୯୩୩** |

ଭାରତ ସରକାର SPMRM ଯୋଜନାର ସୂର୍ଯ୍ୟାସ୍ତ ତାରିଖ ୨୧.୦୩.୨୦୨୨ ଘୋଷଣା କରିଛନ୍ତି ଏବଂ ଏହି ଯୋଜନା ଅଧୀନରେ ଚାଲିଥିବା ପ୍ରତିବଦ୍ଧତା ପୂରଣ ପାଣ୍ଠି ପ୍ରାପ୍ତି ପାଇଁ ସମୟସୀମା ୧୫.୦୩.୨୦୨୩ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି ।

# ୪ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ

## ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ :

ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ପ୍ରଶିକ୍ଷଣ ପ୍ରତିଷ୍ଠାନ ରୂପେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ କାର୍ଯ୍ୟ କରୁଛି । ଏହି ପ୍ରତିଷ୍ଠାନର ପ୍ରଶାସନିକ ନିୟନ୍ତ୍ରଣରେ ଭୁବନେଶ୍ୱର, କେନ୍ଦୁଝର ଓ କଳାହାଣ୍ଡିଠାରେ ୩ଟି ସମ୍ପ୍ରସାରଣ ପ୍ରଶିକ୍ଷଣ କେନ୍ଦ୍ର ଓ ୧୭ଟି ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ର କାର୍ଯ୍ୟ କରୁଛି । ତ୍ରିସ୍ତରୀୟ ପଞ୍ଚାୟତିରାଜ ପ୍ରତିନିଧି ଓ କର୍ମକର୍ତ୍ତାଙ୍କ ଦକ୍ଷତା ବିକାଶ ନିମନ୍ତେ ଏହା ପ୍ରମୁଖ ସଂସ୍ଥା ରୂପେ କାର୍ଯ୍ୟ କରୁଛି । ପୁନଶ୍ଚ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ଫଳପ୍ରଦ କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାରଙ୍କ ମଧ୍ୟରେ ସଚେତନତା ଲକ୍ଷ୍ୟ ନେଇ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ବିଭିନ୍ନ ଯୋଜନାର ଗବେଷଣା, ମୂଲ୍ୟାୟନ ତଥା ବିଭିନ୍ନ ପ୍ରସଙ୍ଗ ଓ ସମସ୍ୟାକୁ ନେଇ ପୁସ୍ତିକା, ସମାଚାର ପତ୍ରିକା, ପ୍ରଚାର ପତ୍ର ତଥା ବୃତ୍ତଚିତ୍ର ପ୍ରସ୍ତୁତ କରିଛି । ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ନିମନ୍ତେ ମୁଖ୍ୟତଃ ପଞ୍ଚାୟତିରାଜ ମନ୍ତ୍ରାଳୟ ଓ ଗ୍ରାମୀଣ ବିକାଶ ମନ୍ତ୍ରାଳୟ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନକୁ ଅର୍ଥ ପ୍ରଦାନ କରିଥାନ୍ତି । ଏହା ବ୍ୟତୀତ ଓଡିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନରେ କାର୍ଯ୍ୟକାରୀ ହେଉଥିବା ଯୋଜନା ସମ୍ବନ୍ଧରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମାନ ମଧ୍ୟ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ଆୟୋଜନ କରିଥାଏ ।

## ପ୍ରମୁଖ ଉପଲବ୍ଧି

### ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ

୨୦୨୨-୨୩ ଆର୍ଥିକ ବର୍ଷରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ୯୨୨ଟି (ଶ୍ରେଣୀଗୃହ, ବହିଃ ପ୍ରାଙ୍ଗଣ ଓ ଅନଲାଇନ) କାର୍ଯ୍ୟକ୍ରମ ମାଧ୍ୟମରେ ମୋଟ ୩୮,୬୧୮ ଜଣ ଅଂଶଗ୍ରହଣକାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି ।

ଭାରତ ସରକାରଙ୍କ ପଞ୍ଚାୟତିରାଜ ମନ୍ତ୍ରଣାଳୟ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ରାଷ୍ଟ୍ରୀୟ ଗ୍ରାମ ସ୍ୱରାଜ ଅଭିଯାନ ଯୋଜନାରେ ୨୦୨୨-୨୩ର ବାର୍ଷିକ କାର୍ଯ୍ୟ ଖସଡା ଅନୁଯାୟୀ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ୮୩୩ଟି କାର୍ଯ୍ୟକ୍ରମ ମାଧ୍ୟମରେ ୩୩,୯୭୬ ଜଣଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରିଥିଲା । ଉକ୍ତ ପ୍ରକାରେ, ସମଗ୍ର ରାଜ୍ୟରେ ଜିଲ୍ଲା ପରିଷଦର ସହାୟତାରେ ତାଲିକାଭୁକ୍ତ ସମ୍ବଳ ବ୍ୟକ୍ତି ଓ ସହଯୋଗୀ ଅନୁଷ୍ଠାନ ମାନଙ୍କୁ ନିୟୋଜିତ କରି ଏକ ବିସ୍ତୃତ କାର୍ଯ୍ୟଖସଡା ପ୍ରସ୍ତୁତ କରାଯାଇଥିଲା । ତନ୍ମଧ୍ୟରୁ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ଦ୍ୱାରା ଆୟୋଜିତ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସମ୍ବନ୍ଧରେ ନିମ୍ନରେ ସୂଚନା ପ୍ରଦାନ କରାଗଲା –

୨୦୨୨-୨୩ ଅର୍ଥିକ ବର୍ଷରେ ତ୍ରି-ସ୍ତରୀୟ ପଞ୍ଚାୟତ ନିର୍ବାଚିନ ଅନୁଷ୍ଠିତ ହୋଇ ନବ ନିର୍ବାଚିତ ଜନପ୍ରତିନିଧି ମାନେ ସେମାନଙ୍କ ଦାୟିତ୍ୱ ଗ୍ରହଣ ସ୍ୱରୂପ ନିଜ କାର୍ଯ୍ୟାଳୟରେ ଯୋଗ ଦେଇଛନ୍ତି । ଧାର୍ଯ୍ୟ ସମୟସୀମା ମଧ୍ୟରେ ସେମାନଙ୍କ ପ୍ରାରମ୍ଭିକ ଦକ୍ଷତା ବିକାଶ ପ୍ରଶିକ୍ଷଣ ଶେଷ କରିବା ନିମନ୍ତେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ତରଫରୁ ସମଗ୍ର ରାଜ୍ୟରେ ୫୩୨ ଜଣ ତାଲିକାଭୂକ୍ତ ସମ୍ବଳ ବ୍ୟକ୍ତିଙ୍କୁ ଚୟନ କରାଯାଇଅଛି । ଏହା ବ୍ୟତୀତ କ୍ଷେତ୍ର ସ୍ତରରେ ସହାୟତା ଯୋଗାଇ ଦେବା ସହ ସଫଳତାର ସହ ପ୍ରଶିକ୍ଷଣ ସମାପ୍ତ କରିବା ନିମନ୍ତେ ୧୨୨ଟି ସହଯୋଗୀ ଅନୁଷ୍ଠାନକୁ ମଧ୍ୟ ନିୟୋଜିତ କରାଯାଇଅଛି ।

ଅଧିକନ୍ତୁ, କ୍ରମାନ୍ୱୟିକ ଧାରାରେ ବା ସମନ୍ୱୟଧର୍ମୀ ଢଙ୍ଗରେ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଗୁଣବତ୍ତା  ବଜାୟ ରଖିବା ନିମନ୍ତେ ୧୫ଟି 'ପ୍ରଶିକ୍ଷକଙ୍କ ନିମନ୍ତେ ପ୍ରଶିକ୍ଷଣ' କାର୍ଯ୍ୟକ୍ରମ ମାଧ୍ୟମରେ ୫୩୨ ଜଣ ତାଲିକାଭୂକ୍ତ ସମ୍ବଳ ବ୍ୟକ୍ତିଙ୍କୁ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନରେ ହିଁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ଏହା ସହ ୧୫ଟି 'ସିଧାସଳଖ ପ୍ରଶିକ୍ଷକଙ୍କ ଦକ୍ଷତା ବୃଦ୍ଧି' ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମାଧ୍ୟମରେ ନୂଆ କରି ନିୟୋଜିତ ହୋଇଥିବା ୨୫୨ ଜଣ ତାଲିକାଭୂକ୍ତ ସମ୍ବଳ ବ୍ୟକ୍ତିଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ୨ ଜୁନ, ୨୦୨୨ରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱର ସ୍ଥିତ କିଟ ସମ୍ମିଳନୀ କକ୍ଷରେ ନୂତନ ଭାବେ ନିର୍ବାଚିତ ହୋଇଥିବା ଜନପ୍ରତିନିଧିଙ୍କ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ।

୨୦୨୨-୨୩ ବର୍ଷରେ ୩୦ ଜଣ ଜିଲ୍ଲା ପରିଷଦ ସଭାପତି, ୬୮୦ ଜଣ ଜିଲ୍ଲା ପରିଷଦ ସଦସ୍ୟ/ସଦସ୍ୟା ଓ ୨୭୦ ଜଣ ପଞ୍ଚାୟତ ସମିତି ଅଧ୍ୟକ୍ଷ/ଅଧ୍ୟକ୍ଷା ମାନଙ୍କର ରାାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନରେପ୍ରଶିକ୍ଷଣ ସମାପ୍ତ ହୋଇଛି । ରାଜ୍ୟ ବ୍ୟାପୀ ପଞ୍ଚାୟତ ସମିତି ସଦସ୍ୟ/ସଦସ୍ୟା, ସରପଞ୍ଚ ଓ ୱାର୍ଡ ସଦସ୍ୟ / ସଦସ୍ୟାଙ୍କ ନିମନ୍ତେ କ୍ଷେତ୍ର ସ୍ତରରେ ପ୍ରାରମ୍ଭିକ ପ୍ରଶିକ୍ଷଣ ମାନ ଆୟୋଜିତ ହେଉଅଛି । ପୂର୍ବ ବର୍ଷ ପ୍ରଶିକ୍ଷଣ ତୁଳନାରେ ୨୦୨୨-୨୩ ଆର୍ଥିକ ବର୍ଷରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ  ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ତା'ର ସମସ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟର ସ୍ଥାନୀୟକରଣ ସହିତ ସାମଗ୍ରିକ ସରକାରୀ ଆଭିମୁଖ୍ୟ (Whole of Government and Whole of Society Approach)କୁ ପ୍ରଧାନ୍ୟ ଦେଇଅଛି । ୩୧ ଡିସେମ୍ବର ୨୦୨୨ ସୁଦ୍ଧା କ୍ଷେତ୍ର ସ୍ତରରେ ସର୍ବମୋଟ ୫୯୭୯ ଜଣ ସରପଞ୍ଚ, ୪୩୬୬ ଜଣ ପଞ୍ଚାୟତ ସମିତି ସଦସ୍ୟ/ସଦସ୍ୟା ଏବଂ ୨୨,୭୦୫ ଜଣ ୱାର୍ଡ ସଦସ୍ୟ / ସଦସ୍ୟା ପ୍ରଶିକ୍ଷିତ ହୋଇପାରିଛନ୍ତି ।

'ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ଓ ଏହାର ସ୍ଥାନୀୟକରଣ' ଶୀର୍ଷକ ପ୍ରାରମ୍ଭିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ୩୩ ଜଣ ଏସଡିଜି ସେଲର ନୋଡାଲ ଅଧିକାରୀ ଓ ୧୯ଟି ବିଭାଗର ବରିଷ୍ଠ ଅଧିକାରୀ ଅଂଶଅଗ୍ରହଣ କରିଥିଲେ । ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟର ସ୍ଥାନୀୟକରଣ ନିମନ୍ତେ ଧାର୍ଯ୍ୟ ହୋଇଥିବା ୯ ଗୋଟି ବିଷୟଭିତ୍ତିକ କ୍ଷେତ୍ରର ପ୍ରତ୍ୟେକଟି କ୍ଷେତ୍ର ସହ ସଂଶ୍ଳିଷ୍ଟ ସମସ୍ତ ଅଂଶୀଦାର ମାନଙ୍କୁ ନେଇ ପରାମର୍ଶ ସୂଚକ କର୍ମଶାଳା ଆୟୋଜନ କରାଯାଉଅଛି । ୩୧ ଡିସେମ୍ବର ୨୦୨୨ ସୁଦ୍ଧା ୩ଟି କ୍ଷେତ୍ର ଯଥା ବିଷୟ ୧ - ଦାରିଦ୍ର୍ୟ ମୁକ୍ତ ଓ ଉନ୍ନତ ଜୀବିକା ଯୁକ୍ତ ଗ୍ରାମପଞ୍ଚାୟତ, ବିଷୟ ୨ - ସୁସ୍ଥ ଗ୍ରାମପଞ୍ଚାୟତ ଓ ବିଷୟ ୩ - ଶିଶୁ ଅନୁକୂଳ ଗ୍ରାମପଞ୍ଚାୟତ ବିଷୟରେ

ଗୋଟିଏ ଲେଖାଁ ଏକଦିବସୀୟ ପରାମର୍ଶ ସୂଚକ କର୍ମଶାଳା ସଫଳତାର ସହ ସଂପୂର୍ଣ୍ଣ ହୋଇଅଛି, ଯେଉଁଥିରେ ମୋଟ ୧ ୨ ୯ ଜଣ ପ୍ରଶିକ୍ଷାର୍ଥୀ ଅଂଶଗ୍ରହଣ କରି ସେମାନଙ୍କ ସୁଚିନ୍ତିତ ମତାମତ ଉପସ୍ଥାପନ କରିଛନ୍ତି ।

ଜାତୀୟ ପଞ୍ଚାୟତ ପୁରସ୍କାର ଶୀର୍ଷକ ୭ଟି ଏକଦିବସୀୟ ପ୍ରିଶିକ୍ଷଣ କାର୍ଯ୍ୟକ୍ରମରେ ଜିଲ୍ଲା ଓ ବ୍ଲକ ସ୍ତରୀୟ ଷ୍ଟିୟରିଂ କମିଟିର ୫୩୫ ଜଣ ସଦସ୍ୟ / ସଦସ୍ୟାଙ୍କୁ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଅଛି । ସମାନ ଢଙ୍ଗରେ ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, କମ୍ପ୍ୟୁଟର ପ୍ରୋଗ୍ରାମର ଏବଂ ଅନ୍ୟାନ୍ୟ କ୍ଷେତ୍ର ସ୍ତରୀୟ ଅଧିକାରୀ ମୋଟ ୩୨,୦୮୯ ଜଣଙ୍କୁ ଅନଲାଇନ ମାଧ୍ୟମରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି ।

ଲୋକ ଯୋଜନା ଅଭିଯାନକୁ ସଫଳ କରିବା ନିମନ୍ତେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନରେ "ପିପୁଲ୍ସ ପ୍ଲାନ କ୍ୟାମ୍ପେନ" ଶୀର୍ଷକ ୭ଟି ଏକଦିବସୀୟ କର୍ମଶାଳା ଆୟୋଜିତ ହୋଇଯାଇଅଛି । ଯେଉଁଥିରେ ୩୦ଟି ଜିଲ୍ଲାର ୩୮୫ ଜଣ ଜିଲ୍ଲା ସ୍ତରୀୟ ଅଧିକାରୀ ଅଂଶଗ୍ରହଣ କରିଥିଲେ । ଅଧିକନ୍ତୁ, ପଞ୍ଚାୟତିରାଜ ମନ୍ତ୍ରଣାଳୟର ଅତିରିକ୍ତ ଶାସନ ସଚିବଙ୍କ ଉପସ୍ଥିତିରେ ରାଜ୍ୟ ସ୍ତରୀୟ ବରିଷ୍ଠ ଅଧିକାରୀ ତଥା ଏସଡିଜି ସେଲ ଓ ଲାଇନ ବିଭାଗର ଅଧିକାରୀଙ୍କୁ ନେଇ 'ଗୁଣାତ୍ମକ ବିଷୟ ଭିତ୍ତିକ ପଞ୍ଚାୟତ ବିକାଶ ଯୋଜନା ପ୍ରସ୍ତୁତି' ଶୀର୍ଷକ ୨ଟି ପରାମର୍ଶ ସୂଚକ କର୍ମଶାଳା ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନରେ ସଫଳତାର ସହ ଆୟୋଜିତ ହୋଇଥିଲା ।

ସହଜ, ସରଳ ଓ ବୋଧଗମ୍ୟ ଭାବେ ବିଭିନ୍ନ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମର ସୁବିଧା ଉପଲବ୍ଧ କରାଇବା ନିମନ୍ତେ ଗ୍ରାମାଞ୍ଚଳର ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଏବଂ ସୂଚନାର ପରିପ୍ରସାର ଉଦ୍ଦେଶ୍ୟରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନରେ 'ସଶକ୍ତ ଓ ସୁଦୃଢ଼ ସୂଚନା-ଶିକ୍ଷା-ସଂଚାର ଏବଂ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣର ଆବଶ୍ୟକତା' ଶୀର୍ଷକ ଏକ ପରାମର୍ଶ ସୂଚକ କର୍ମଶାଳା ଆୟୋଜିତ ହୋଇଥିଲା । ଏଥିରେ ୧୬ଟି ବିଭାଗର ୩୭ ଜଣ ଆଇଇସି ପରାମର୍ଶଦାତା ଓ ଅଧିକାରୀ ଯୋଗ ଦେଇ ସେମାନଙ୍କ ବହୁମୂଲ୍ୟ ମତାମତ ପ୍ରଦାନ କରିଥିଲେ ।

# ୪ ଇ-ପ୍ରଶାସନ

ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସୂଚନା ସଂଚାର ପ୍ରଯୁକ୍ତି ବିଦ୍ୟା (ଓଉଞ)ର ଉପଯୋଗ କରି ଜନସାଧାରଣଙ୍କ ନିକଟରେ ଏକ ସ୍ୱଚ୍ଛ, ଉତ୍ତରଦାୟୀ ପ୍ରଶାସନ ସେବା ପହଞ୍ଚାଇବାର ପଦକ୍ଷେପ ନେଇଛି । ଏହାର ସଫଳ ସଦୁପଯୋଗ ପାଇଁ ଅନେକ ଗୁଡ଼ିଏ ଇ-ପ୍ରଶାସନ ସଫ୍ଟୱେରର ପ୍ରବର୍ତ୍ତନ କରାଯାଇଛି ।

## ଇ-ପ୍ରଶାସନର ସୁଦୃଢ଼ୀକରଣ ପାଇଁ ପଦକ୍ଷେପ

ଗ୍ରାମାଞ୍ଚଳରେ ବିଭିନ୍ନ କେନ୍ଦ୍ର ଓ ରାଜ୍ୟ ଯୋଜନାର ଖର୍ଚ୍ଚର ସୁପରିଚଳନା ପାଇଁ ଆଇ.ସି.ଟି.ର ଉପଯୋଗ ନିହାତି ଜରୁରୀ ଅଟେ । ଏହି ଲକ୍ଷ୍ୟକୁ ହାସଲ କରିବା ପାଇଁ ଯୋଜନା ଓ କାର୍ଯ୍ୟକ୍ରମର ସୂଚନା ଲୋକମାନଙ୍କ ପାଖରେ ପହଞ୍ଚାଇବାର ଆବଶ୍ୟକତା ରହିଅଛି । ଏଥିପାଇଁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ବହୁବିଧ ଇ-ପ୍ରଶାସନର ଶୁଭାରମ୍ଭ କରିଛି ।

**Hardware:** ଏଥିପାଇଁ ଆବଶ୍ୟକ ଥିବା ଯନ୍ତ୍ରପାତି ବ୍ଲକ/ଡ଼ି.ଆର୍.ଡ଼ି.ଏ ଗୁଡ଼ିକୁ ଯୋଗାଇ ଦିଆଯାଇ କମ୍ପ୍ୟୁଟରିକରଣ କରାଯାଇଅଛି । ପୁନଶ୍ଚ ବିଦ୍ୟୁତ ଯୋଗାଣକୁ ଦୃଷ୍ଟିରେ ରଖି ଗ୍ରାମ ପଞ୍ଚାୟତଗୁଡ଼ିକୁ ଲ୍ୟାପଟପ୍ ଓ ଡେସ୍କଟପ୍ ଯୋଗାଇ ଦିଆଯାଇଛି ।

**Connectivity:** ସମସ୍ତ ବ୍ଲକ ଓ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାମାନଙ୍କୁ ଏହି ବିଭାଗ ତରଫରୁ OSWAN Connectivity ମାଧ୍ୟମରେ ବ୍ଲକ ସ୍ତରରୁ ଜିଲ୍ଲା ଓ ରାଜ୍ୟସ୍ତର ପର୍ଯ୍ୟନ୍ତ ତତ୍‌କ୍ଷଣାତ୍ ତଥ୍ୟ ବିନିମୟର ବ୍ୟବସ୍ଥା ହୋଇଅଛି ।

**Man Power (ମାନବ ସମ୍ବଳ):** ଇ-ପ୍ରଶାସନର ସଫଳ ରୂପାୟନ ପାଇଁ ବ୍ଲକ ଓ ଡି.ଆର୍.ଡି.ଏ ସ୍ତରରେ ବୈଷୟିକ ଜ୍ଞାନ ସମ୍ପନ୍ନ କମ୍ପ୍ୟୁଟର ପ୍ରୋଗ୍ରାମର୍ ମାନଙ୍କୁ ନିଯୁକ୍ତି ଦିଆଯାଇଛି । ଏଥି ସହିତ ଗଏଘଜରଏଝ କାର୍ଯ୍ୟ ପାଇଁ ଅତିରିକ୍ତ (Computer Programmer ଓ Data Entry Operator) ପରିଚାଳକ ମାନଙ୍କୁ ନିଯୁକ୍ତି ଦିଆଯାଇଛି ।

## ବିଭିନ୍ନ ଇ-ପ୍ରଶାସନ ସଫ୍ଟୱେର

### (କ) ପ୍ରିୟାସଫ୍ଟ (http://accountingonline.gov.in)

ଏହା ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନ ମାନଙ୍କର ହିସାବ ତଦାରଖ କରିବା ପାଇଁ ଉଦ୍ଦିଷ୍ଟ । ଏହି ସଫ୍ଟୱେର ମାଧ୍ୟମରେ ପ୍ରତ୍ୟେକ ମାସ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନ ମାନଙ୍କରେ ମହଜୁଦ ଥିବା ପାଣ୍ଠି ତଥା ଖର୍ଚ୍ଚ ସମ୍ପର୍କରେ ସୂଚନା ମିଳିପାରିବ । ଏହା ମାଧ୍ୟମରେ ରାଜ୍ୟ ପ୍ରଶାସନ ବିଭାଗ ପାଣ୍ଠିର ସ୍ଥିତି ଜାଣି ପାରନ୍ତି

ତାହା ନୁହେଁ, ତୃଣମୂଳ ସ୍ତରରୁ ଉପରସ୍ତର ପର୍ଯ୍ୟନ୍ତ ସମସ୍ତ ପାଣ୍ଠିର ସୂଚନାକୁ ଆକାନ୍ଦ୍ରୀକରଣ କରିପାରିବେ । ଯେ କୌଣସି ନାଗରିକ ଏହି ୱେବସାଇଟକୁ ଯାଇ ଯେ କୌଣସି ପଞ୍ଚାୟତି ଅନୁଷ୍ଠାନ ପାଣ୍ଠିର ସ୍ଥିତି ସମ୍ପର୍କରେ ସବିଶେଷ ତଥ୍ୟ ପାଇପାରିବେ ।

## (ଖ) ଜାତୀୟ ପଞ୍ଚାୟତ ପୋର୍ଟାଲ :

ଜାତୀୟ ପଞ୍ଚାୟତ ପୋର୍ଟାଲ ପ୍ରତ୍ୟେକ ଗ୍ରାମ ପଞ୍ଚାୟତ, ବ୍ଲକ, ଜିଲ୍ଲା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଉପଲବ୍ଧ । ସେମାନଙ୍କର ସମସ୍ତ ତଥ୍ୟ ଏହି ସଫ୍ଟୱେର ମାଧ୍ୟମରେ ସ୍ଥାପିତ କରି ପାରିବେ ।

## (ଗ) NREGA Soft :

ଏହା ଏକ ସଫ୍ଟୱେର ଯାହାକି ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟ ଜାତୀୟ ସୂଚନା କେନ୍ଦ୍ର ଦ୍ୱାରା ପ୍ରସ୍ତୁତ କରାଯାଇଛି । (http://nrega.nic.in) ଏହାଦ୍ୱାରା ଏନ.ଆର.ଇ.ଜି.ଏ କାର୍ଯ୍ୟକ୍ରମ କାର୍ଯ୍ୟକାରିତା ତଦାରଖ କରିହୁଏ । ଏହାଦ୍ୱାରା ଏହି ଯୋଜନାର ଭୌତିକ ଓ ଆର୍ଥିକ ପ୍ରଗତିର ସୁପରିଚାଳନା କରିବା ସହିତ ହିତାଧିକାରୀ ମାନଙ୍କ ପାଇଁ ଜବ୍ କାର୍ଡ ପ୍ରସ୍ତୁତ କରାଯାଇପାରୁଛି ।

## (ଘ) AWAS Soft :

ଏହି ସଫ୍ଟୱେର ମାଧ୍ୟମରେ ପ୍ରଧାନମନ୍ତ୍ରୀ ଗୃହ ଯୋଜନା (PMAY) ଓ ଗ୍ରାମୀଣ ଘର ଯୋଜନା (RH) ଯୋଜନାର ଭୌତିକ ଓ ଆର୍ଥିକ ଯୋଜନାର ସୁପରିଚାଳନା କରାଯାଉଅଛି ।

## (ଙ) ପ୍ଲାନ୍ ପ୍ଲସ୍ :

ପ୍ଲାନ୍ ପ୍ଲସ୍ ଆଭିମୁଖ୍ୟ ଏହିକି ଯେ, ଯୋଜନାର ବିକେନ୍ଦ୍ରୀକରଣ ସହିତ ଆଞ୍ଚଳିକ ଭାଷାରେ ଲୋକମାନଙ୍କ ଆବଶ୍ୟକତା ଅନୁସାରେ ଏବଂ ଲୋକମାନଙ୍କ ସହଭାଗୀତାରେ ଯୋଜନା ପ୍ରସ୍ତୁତ କରିବା । ବିଭିନ୍ନ ସୂତ୍ରରୁ ପ୍ରାପ୍ତ ଅର୍ଥ ତଥା, କେନ୍ଦ୍ରୀୟ ଅନୁଦାନ, ରାଜ୍ୟ ଅନୁଦାନ ଏବଂ ନିଜସ୍ୱ ପାଣ୍ଠିର ଉପଯୋଗ କରି ଯୋଜନା ପ୍ରସ୍ତୁତ କରିବା । ବାର୍ଷିକ ଯୋଜନା ଅଟକଳ ସହିତ କାର୍ଯ୍ୟବଳୀର ସମନ୍ୱୟ ରକ୍ଷା କରିବା ।

ଏହି ସଫ୍ଟୱେର ମାଧ୍ୟମରେ ଗ୍ରାମ ପଞ୍ଚାୟତ ବିକାଶ ଯୋଜନା (GPDP), ଗ୍ରାମ ପଞ୍ଚାୟତ ସ୍ତରରେ ଯୋଜନା ପ୍ରସ୍ତୁତ କରାଯାଉଅଛି ।

## (ଚ) PP Grant :

ଏହା ଏକ ୱେବ ଆପ୍ଲିକେଶନ, ଯାହା ଗ୍ରାମ ପଞ୍ଚାୟତକୁ ଉକ୍ତ ପଞ୍ଚାୟତରେ ହୋଇଥିବା ସଫଳ କାମଗୁଡ଼ିକର ବିସ୍ତୃତ ବିବରଣୀ ପ୍ରଦାନ କରିବାରେ ସହଯୋଗ କରିଥାଏ ଓ ଦରକାରୀ ନଥି ଗୁଡ଼ିକୁ ଅପଲୋଡ କରିବାକୁ ସୁବିଧା ପ୍ରଦାନ କରିଥାଏ । ଦାଖଲ କରାଯାଇଥିବା ଦରଖାସ୍ତ ଗୁଡ଼ିକୁ ବିଭାଗ ଭଲ ଭାବରେ ବିଚାର କରି ସେଥି ମଧ୍ୟରୁ ପ୍ରକୃତ ଦାବିଦାର ପଞ୍ଚାୟତକୁ ଅତିରିକ୍ତ ଅନୁଦାନ ପ୍ରଦାନ କରିପାରିବ ।

## (ଛ) ଏଲ.ଜି.ଡି (ଲୋକାଲ ଗଭର୍ନମେଣ୍ଟ ଡିରେକ୍ଟୋରି) :

ଏହି ସଫ୍ଟୱେର ରାଜ୍ୟର ବିଭାଗଗୁଡ଼ିକୁ ନୂତନ ଭାବେ ଗଠନ ପଞ୍ଚାୟତ ଓ ସ୍ଥାନୀୟ ଅଞ୍ଚଳଗୁଡ଼ିକର ପଞ୍ଜୀକରଣ ଓ ପଂଚାୟତ ପୁନର୍ଗଠନ, ଗ୍ରାମାଞ୍ଚଳରୁ ସହରାଞ୍ଚଳ ସ୍ଥାନରେ ପରିବର୍ତ୍ତନ ଆଦି ସମ୍ବନ୍ଧରେ ଡିରେକ୍ଟୋରୀର ସଂଶୋଧନ ଏବଂ ସେ ସମ୍ବନ୍ଧୀୟ ସୂଚନାଗୁଡ଼ିକୁ ସାଧାରଣ ଡୋମେନରେ ପ୍ରଦାନ କରେ । ସମସ୍ତ ସ୍ଥାନୀୟ ସରକାରୀ ଅଞ୍ଚଳକୁ ଅଦ୍ୱିତୀୟ କୋଡ ପ୍ରଦାନ କରାଯାଏ । ଉଦାହରଣ ସ୍ୱରୂପ, ଗ୍ରାମପଞ୍ଚାୟତ ଓ ଗ୍ରାମଗୁଡ଼ିକର ସଂଯୋଗୀକରଣ । ଏଲ.ଡି.ଡି.ର ବିଶ୍ୱାସନିୟତା ରକ୍ଷା କରିବା ପାଇଁ ଡିରେକ୍ଟୋରୀର ପ୍ରତ୍ୟେକ ପରିବର୍ତ୍ତନ ନିମନ୍ତେ ସରକାରୀ ନିର୍ଦ୍ଦେଶନାମାକୁ ଅପଲୋଡ କରିବା ବାଧ୍ୟତାମୂଳକ କରାଯାଇଅଛି । ଯେତେବେଳେ ଏଲ.ଜି.ଡ଼ିରେ କୌଣସି ସଂଶୋଧନ କରାଯାଏ, ପୁରାତନ ତଥ୍ୟଗୁଡ଼ିକ ମଧ୍ୟ ସଂରକ୍ଷିତ ରଖାଯାଏ । ୨୦୧୧ ଜନଗଣନା ତଥ୍ୟ ସହିତ ଏଲଜିଡିକୁ ସମ୍ମିଳିତ କରାଯାଇଅଛି । ଏଥିରେ ଯଦି କୌଣସି ରାଜ୍ୟ ରାଜ୍ୟଭିତ୍ତିକ କୋଡ୍ ବ୍ୟବହାର କରୁଛନ୍ତି, ତାହାକୁ ଏଲ.ଜି.ଡି ସହିତ ସଂଯୋଗ କରିବାର ବ୍ୟବସ୍ଥା ରହିଛି ।

## (ଜ) ବ୍ଲକରେ ଭିଡିଓ କନଫରେନ୍ସିଂ (VC) ସୁବିଧା

ରାଜ୍ୟର ସମସ୍ତ ୩୧୪ ବ୍ଲକକୁ ଠଓ ମାଧ୍ୟମରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ସମସ୍ତ ଉନ୍ନତି ମୂଳକ ଯୋଜନା / କାର୍ଯ୍ୟକ୍ରମ ବିଭାଗ ତରଫରୁ ତଦାରଖ କରାଯାଉଅଛି ।

**a) Dash Board Monitoring System (DBMS) :**

ଏହି ସଫ୍ଟୱେର ମାଧ୍ୟମରେ ପଞ୍ଚାୟତିରାଜ ଡିପାର୍ଟମେଣ୍ଟର ବିଭିନ୍ନ ଯୋଜନା ଗୁଡ଼ିକର ସଫଳ ରୂପାୟନ ଓ ଅଗ୍ରଗତି ବିଷୟରେ ଶୀଘ୍ର ଓ ସହଜରେ ଅନୁଧ୍ୟାନ କରାଯାଇଥାଏ ।

## ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା

ଓଡ଼ିଶାର ୨୨ ଗୋଟି ଜିଲ୍ଲା ଏହି ବର୍ଷ ଅତ୍ୟଧିକ ବର୍ଷା ଓ ବନ୍ୟା ଦ୍ୱାରା ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିଲା । ଏହି ସବୁ ଜିଲ୍ଲାର ସରକାରୀ ସମ୍ପତ୍ତି ଯଥା; ପ୍ରାଥମିକ ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର, ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ / ଗୋଷ୍ଠୀ କେନ୍ଦ୍ର, ଗ୍ରାମପଞ୍ଚାୟତ / ପଞ୍ଚାୟତ ସମିତି ରାସ୍ତା ଏବଂ ଗ୍ରାମୀଣ ଜଳ ଯୋଗାଣ ବ୍ୟବସ୍ଥାର ପରିଚାଳନା ଓ ପୁନରୁଦ୍ଧାର ନିମନ୍ତେ ଏସ୍.ଡି.ଆର୍.ଏଫ୍.ରୁ ମୋଟ ଟ. ୯୫, ୭୩, ୦୬, ୭୦୦.୦୦ ମଞ୍ଜୁର କରାଯାଇଛି । ଏହାର ସବିଶେଷ ତଥ୍ୟ ପରିଶିଷ୍ଟ – 'କ'ରେ ପ୍ରଦାନ କରାଗଲା ।

## ପରିଶିଷ୍ଟ – 'କ'

**Fund Allotment under repair/restoration of public properties damaged due to "Flood & Heavy Rain"- 2022 as per SDRF/ NDRF norms (Amount in Lakh )**

| Sl. No. | Name of the District | Primary School Building | | GP Buildings/ Community Halls | | AWCs | | GP/ PS Roads/Breaches damaged | | | CDs/Bridges/Culverts damaged/ washed away | | Total | |
|---|---|---|---|---|---|---|---|---|---|---|---|---|---|---|
| | | No. of Proj-ects | Cost | No. of Proj-ects | Cost | No. of Proj-ects | Cost | No. of Proj-ects | Length in Km. | Cost | No. of Proj-ects | Cost | No. of Proj-ects | Cost |
| 1 | ANGUL | 22 | 41.00 | 4 | 8.00 | 0 | 0.00 | 67 | 117.018 | 175.5270 | 0 | 0.00 | 93 | 224.527 |
| 2 | BOLANGIR | 0 | 0.00 | 0 | 0.00 | 2 | 3.00 | 3 | 4.500 | 4.5000 | 2 | 2.16 | 7 | 9.660 |
| 3 | BALASORE | 3 | 6.00 | 1 | 1.00 | 0 | 0.00 | 1016 | 1057.980 | 1586.9700 | 12 | 18.00 | 1032 | 1611.970 |
| 4 | BARGARH | 4 | 8.00 | 0 | 0.00 | 3 | 6.00 | 12 | 11.520 | 16.4500 | 0 | 0.00 | 19 | 30.450 |
| 5 | BHADRAK | 16 | 32.00 | 33 | 51.00 | 98 | 144.50 | 253 | 298.190 | 439.5000 | 0 | 0.0000 | 400 | 667.000 |
| 6 | BOUDH | 18 | 35.00 | 0 | 0.00 | 3 | 6.00 | 157 | 144.228 | 188.5920 | 13 | 19.50 | 191 | 249.092 |
| 7 | CUTTACK | 78 | ##### | 5 | 10.00 | 60 | 102.20 | 613 | 491.090 | 736.6350 | 8 | 12.00 | 764 | 997.335 |

### ପରିଶିଷ୍ଟ – 'କ'

**Fund Allotment under repair/restoration of public properties damaged due to "Flood & Heavy Rain"- 2022 as per SDRF/ NDRF norms (Amount in Lakh )**

| Sl. No. | Name of the District | Primary School Building | | GP Buildings/ Community Halls | | AWCs | | GP/ PS Roads/Breaches damaged | | | CDs/Bridges/Culverts damaged/ washed away | | Total | |
|---|---|---|---|---|---|---|---|---|---|---|---|---|---|---|
| | | No. of Projects | Cost | No. of Projects | Cost | No. of Projects | Cost | No. of Projects | Length in Km. | Cost | No. of Projects | Cost | No. of Projects | Cost |
| 8 | JAGATSINGHPUR | 37 | 74.00 | 16 | 32.00 | 21 | 42.00 | 488 | 670.020 | 1005.0300 | 0 | 0.00 | 562 | 1153.030 |
| 9 | JAHRSUGUDA | 10 | 16.50 | 1 | 1.00 | 6 | 6.50 | 6 | 5.550 | 8.1750 | 0 | 0.00 | 23 | 32.175 |
| 10 | JAJPUR | 34 | 63.00 | 34 | 60.00 | 10 | 17.50 | 580 | 636.670 | 955.0000 | 0 | 0.00 | 658 | 1095.500 |
| 11 | KALAHANDI | 0 | 0.00 | 4 | 4.50 | 0 | 0.00 | 87 | 106.741 | 115.9900 | 0 | 0.00 | 91 | 120.490 |
| 12 | KANDHAMAL | 28 | 54.00 | 0 | 0.00 | 7 | 11.00 | 150 | 181.030 | 108.6200 | 74 | 111.00 | 259 | 284.620 |
| 13 | KENDRAPADA | 86 | ##### | 1 | 2.00 | 70 | 113.98 | 107 | 108.265 | 162.0200 | 1 | 1.50 | 265 | 445.580 |

ପରିଶିଷ୍ଟ – 'କ'

**Fund Allotment under repair/restoration of public properties damaged due to "Flood & Heavy Rain"- 2022 as per SDRF/ NDRF norms (Amount in Lakh )**

| Sl. No. | Name of the District | Primary School Building | | GP Buildings/ Community Halls | | AWCs | | GP/ PS Roads/Breaches damaged | | | CDs/Bridges/Culverts damaged/ washed away | | Total | |
|---|---|---|---|---|---|---|---|---|---|---|---|---|---|---|
| | | No. of Proj-ects | Cost | No. of Proj-ects | Cost | No. of Proj-ects | Cost | No. of Proj-ects | Length in Km. | Cost | No. of Proj-ects | Cost | No. of Proj-ects | Cost |
| 14 | KEONJHAR | 0 | 0.00 | 0 | 0.00 | 0 | 0.00 | 3 | 0.710 | 1.0650 | 0 | 0.00 | 3 | 1.065 |
| 15 | KHORDHA | 0 | 0.00 | 0 | 0.00 | 0 | 0.00 | 43 | 13.020 | 17.3480 | 0 | 0.00 | 43 | 17.348 |
| 16 | KORAPUT | 22 | 44.00 | 11 | 22.00 | 15 | 30.00 | 99 | 77.900 | 116.8500 | 0 | 0.00 | 147 | 212.850 |
| 17 | MAYURBHANJ | 29 | 48.40 | 3 | 3.50 | 8 | 13.00 | 12 | 30.000 | 23.7000 | 0 | 0.00 | 0 | 88.600 |
| 18 | NAYAGARH | 5 | 10.00 | 3 | 5.50 | 8 | 16.00 | 48 | 17.370 | 26.0550 | 11 | 5.61 | 75 | 63.165 |
| 19 | NUAPADA | 13 | 23.00 | 0 | 0.00 | 14 | 26.92 | 60 | 67.735 | 101.6000 | 6 | 9.00 | 93 | 160.520 |

## ପରିଶିଷ୍ଟ – 'କ'

**Fund Allotment under repair/restoration of public properties damaged due to "Flood & Heavy Rain"- 2022 as per SDRF/ NDRF norms (Amount in Lakh )**

| Sl. No. | Name of the District | Primary School Building | | GP Buildings/ Community Halls | | AWCs | | GP/ PS Roads/Breaches damaged | | | CDs/Bridges/Culverts damaged/ washed away | | Total | |
|---|---|---|---|---|---|---|---|---|---|---|---|---|---|---|
| | | No. of Projects | Cost | No. of Projects | Cost | No. of Projects | Cost | No. of Projects | Length in Km. | Cost | No. of Projects | Cost | No. of Projects | Cost |
| 20 | SAMBALPUR | 6 | 12.00 | 0 | 0.00 | 0 | 0.00 | 7 | 4.500 | 6.7500 | 0 | 0.00 | 13 | 18.750 |
| 21 | SUBARNAPUR | 12 | 24.00 | 0 | 0.00 | 0 | 0.00 | 90 | 185.300 | 111.1800 | 3 | 4.50 | 105 | 139.680 |
| 22 | PURI | 90 | ##### | 19 | 37.00 | 48 | 73.50 | 568 | 516.180 | 768.9800 | 14 | 21.00 | 739 | 1075.280 |
| 23 | EIC, RWSS | | | | | | | | | | | | | 874.380 |
| | **Grand Total** | **513** | **#####** | **135** | **237.50** | **373** | **612.10** | **4469** | **4745.517** | **6676.5370** | **144** | **204.27** | **5582** | **9573.067** |

**(Rupees Ninety five crore seventy three lakh six thousand seven hundred) only**

# ୭ ଅନ୍ୟାନ୍ୟ କାର୍ଯ୍ୟକଳାପ

## (କ) ସାମାଜିକ, ଅର୍ଥନୈତିକ ଏବଂ ଜାତିଗତ ଜନଗଣନା

୨୦୧୧ ମସିହା ଜୁନ୍ ମାସରେ ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ, ପରିବାରର ସାମାଜିକ ଓ ଅର୍ଥନୈତିକ ତଥ୍ୟ ପାଇବା ପାଇଁ ସାମାଜିକ, ଅର୍ଥନୈତିକ ଏବଂ ଜାତିଗତ ଜନଗଣନା – ୨୦୧୧ କାର୍ଯ୍ୟ ଆରମ୍ଭ କରିଥିଲେ । ଏହା ତିନୋଟି ମୁଖ୍ୟ ଉଦ୍ଦେଶ୍ୟ ଉପରେ ଆଧାରିତ ।

୧. ପରିବାରର ସାମାଜିକ ଓ ଅର୍ଥନୈତିକ ଅବସ୍ଥା ସ୍ଥିର କରିବା ।

୨. ଜାତି ଅନୁଯାୟୀ ଜନଗଣନା କରିବା ।

୩. ବିଭିନ୍ନ ଜାତି ଓ ବର୍ଗର ଲୋକଙ୍କ ଶିକ୍ଷା ଉପରେ ସାମାଜିକ ଓ ଅର୍ଥନୈତିକ ଅବସ୍ଥାର ପ୍ରକୃତ ପ୍ରଭାବ ସମ୍ବନ୍ଧରେ ଜାଣିବା ।

ଏହାକୁ ଆଧାର କରି ଭାରତ ସରକାର ୨୦୧୧ ମସିହାରେ ସାମାଜିକ, ଅର୍ଥନୈତିକ ଏବଂ ଜାତିଗତ ଜନଗଣନା-୨୦୧୧ କରିବାକୁ ନିଷ୍ପତ୍ତି ନେଇଥିଲେ । ତଦନୁସାରେ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ଗଣନା କାର୍ଯ୍ୟ ସମାପ୍ତ ହୋଇ ଅନ୍ତିମ ଚରଣ କାର୍ଯ୍ୟ ଅନୁସାରେ ସମସ୍ତ ପରିବାରର ସମ୍ପୂର୍ଣ୍ଣ ତାଲିକାକୁ ଗ୍ରାମପଞ୍ଚାୟତ ସ୍ତରରେ ବିତରଣ କରାଯାଇ ଆପତ୍ତି ଅଭିଯୋଗ ଶୁଣାଣି ଶେଷ କରି ଏହାର ସମ୍ପୂର୍ଣ୍ଣ ତଥ୍ୟ ପ୍ରକାଶନ କରିଛନ୍ତି । ଉକ୍ତ ଗଣନା ଅନୁସାରେ ଭାରତ ସରକାରଙ୍କର ୱେବ୍ ସାଇଟ୍ www.secc.gov ରେ ଥିବା ତଥ୍ୟ ଅନୁଯାୟୀ ନିମ୍ନଲିଖିତ ସୂଚନା ପ୍ରଦାନ କରାଗଲା ।

### (କ) ଏସ୍‌ଇସିସି – ୨୦୧୧ର ପରିବାର ସଂଖ୍ୟା (ସୂଡାନ୍ତ ସିଦ୍ଧାନ୍ତ)

| କ୍ର. ସଂ | ମାନଦଣ୍ଡ | ପରିବାର ସଂଖ୍ୟା | ପ୍ରତିଶତ |
|---|---|---|---|
| ୧ | ମୋଟ ଗ୍ରାମାଞ୍ଚଳ ପରିବାର ସଂଖ୍ୟା | ୮୬, ୭୭, ୬୧୫ | |
| ୨ | ସ୍ୱତଃ ବାଦ ପଡିଥିବା ମୋଟ ଗ୍ରାମାଞ୍ଚଳ ପରିବାର ସଂଖ୍ୟା | ୧୬, ୨୮, ୪୦୦ | ୧୮.୭୭ |
| ୩ | ନିଶ୍ଚିତ ସମାବେଶନ ହୋଇଥିବା ମୋଟ ଗ୍ରାମାଞ୍ଚଳ ପରିବାର ସଂଖ୍ୟା | ୧, ୧୯, ୭୭୨ | ୧.୩୮ |

## (ଖ) ଏସଇସିସି – ୨୦୧୧ ବାଧ୍ୟତାମୂଳକ ସାମିଲ ପରିବାର ସଂଖ୍ୟା (ଚୂଡାନ୍ତ ସିଦ୍ଧାନ୍ତ)

| କ୍ର. ସଂ | ମାନଦଣ୍ଡ | ପରିବାର ସଂଖ୍ୟା | ପ୍ରତିଶତ |
|---|---|---|---|
| ୧ | ଆଶ୍ରୟସ୍ଥଳୀ ବିନା ପରିବାର ସଂଖ୍ୟା | ୫, ୩୦୮ | ୦.୦୬ |
| ୨ | ଭିକ୍ଷା ମାଗୁଥିବା ବେସାହାରା ପରିବାର ସଂଖ୍ୟା | ୪୯, ୨୭୩ | ୦.୫୭ |
| ୩ | ଝାଡୁଦାର ପରିବାର ସଂଖ୍ୟା | ୫୨୪ | ୦.୦୧ |
| ୪ | ଆଦିମ ଜନଜାତି ସମୂହ | ୫୯, ୪୦୦ | ୦.୬୮ |
| ୫ | ଆଇନତଃ ଖଲାସ ହୋଇଥିବା ଗୋଟି ଶ୍ରମିକ | ୬, ୭୬୯ | ୦.୦୮ |

## (ଗ) ଏସଇସିସି – ୨୦୧୧ ବଞ୍ଚିତ ମାନଦଣ୍ଡ ପରିବାର ସଂଖ୍ୟା (ଚୂଡାନ୍ତ ସିଦ୍ଧାନ୍ତ)

| କ୍ର. ସଂ | ମାନଦଣ୍ଡ | ପରିବାର ସଂଖ୍ୟା | ପ୍ରତିଶତ |
|---|---|---|---|
| ୧ | ମାଟିକାନ୍ଥ, ତାଳଛପର, ଗୋଟିଏ କୋଠରୀ ଥିବା ବାସଗୃହ ପରିବାର ସଂଖ୍ୟା | ୨. ୬୪, ୧୬୯ | ୨୭.୨୪ |
| ୨ | ୧୬ରୁ ୫୯ ବର୍ଷ ବୟସ୍କ ସଦସ୍ୟ ନଥିବା ପରିବାର ସଂଖ୍ୟା | ୪, ୨୫, ୧୬୧ | ୪.୯୦ |
| ୩ | ୧୬ ରୁ ୫୯ ବର୍ଷ ବୟସ୍କ ପୁରୁଷ ସଦସ୍ୟ ନଥିବା ଓ ମହିଳାମୁଖ୍ୟଙ୍କ ଦ୍ୱାରା ପରିଚାଳିତ ପରିବାର ସଂଖ୍ୟା | ୪, ୫୮, ୫୦୫ | ୫.୨୮ |
| ୪ | କାର୍ଯ୍ୟ ପାଇଁ ସକ୍ଷମ ନ ଥିବା କୌଣସି ବୟସ୍କ ସଦସ୍ୟ ଓ କୌଣସି ଭିନ୍ନକ୍ଷମ ସଦସ୍ୟ ଥିବା ପରିବାର | ୫୧, ୩୧୪ | ୦.୫୯ |
| ୫ | ଅନୁସୂଚିତ ଜାତି ଓ ଜନଜାତିଙ୍କ ପରିବାର | ୩୨, ୦୬, ୧୪୧ | ୩୬.୯୫ |
| ୬ | ୨୫ ବର୍ଷରୁ ଉର୍ଦ୍ଧ୍ୱ କୌଣସି ସାକ୍ଷର ନଥିବା ପରିବାର | ୨୪, ୧୨, ୨୨୧ | ୨୭.୮୦ |
| ୭ | ସାଧାରଣତଃ ଦିନମଜୁରିଆ ଭାବେ କାମ କରି  ଆୟ କରୁଥିବା ଜମିହୀନ ପରିବାର | ୩୧, ୩୧, ୯୩୨ | ୩୬.୦୯ |

# ମିଶନ ଅନ୍ତ୍ୟୋଦୟ

ଗ୍ରାମୀଣ ଅଞ୍ଚଳରେ ଲୋକମାନଙ୍କର ଜୀବନ ଓ ଜୀବିକାରେ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ମିଶନ ଅନ୍ତ୍ୟୋଦୟ ଉତ୍ତରଦାୟୀତ୍ୱ ଏକାଭିମୁଖିକରଣ ପାଇଁ ଏକ ପ୍ରୟାସ । ଏହି ସକାରାତ୍ମକ ପରିବର୍ତ୍ତନ ଫଳାଫଳକୁ ମାପିବା ପାଇଁ ଏଥିରେ ବ୍ୟବସ୍ଥା ରହିଛି ।

## ଲକ୍ଷ୍ୟ :

୧. ଦାରିଦ୍ର୍ୟର ବିଭିନ୍ନ ଦିଗକୁ ସମାଧାନ କରିବା

୨. ସମସ୍ତ କାର୍ଯ୍ୟକ୍ରମର ଏକାଭିମୁଖିକରଣ

୩. ଗୋଷ୍ଠୀ ସଂଗଠନ ଏବଂ ଗ୍ରାମୀଣ ବିକାଶ କର୍ମୀମାନଙ୍କ ମଧ୍ୟରେ ଭାଗୀଦାରିତା

## ଫଳାଫଳ :

୧. ଆର୍ଥିକ ସୁଯୋଗ ଗୁଡ଼ିକୁ ବଢ଼ାଇବା ।

୨. ସାମାଜିକ ପୁଞ୍ଜି ଗଠନ କରିବା ।

୩. ଗଣତାନ୍ତ୍ରିକ ପଦ୍ଧତିକୁ ସଶକ୍ତ କରିବା

୪. ଦୀର୍ଘସ୍ଥାୟୀ ବିକାଶ ହାସଲରେ ସହାୟତା କରିବା ।

## ଗ୍ରାମପଞ୍ଚାୟତଗୁଡ଼ିକୁ ଚୟନ କରିବା ନିମନ୍ତେ ମାନଦଣ୍ଡ

୧. ଖୋଲାରେ ମଳତ୍ୟାଗରୁ ମୁକ୍ତ ଗ୍ରାମପଞ୍ଚାୟତ ।

୨. ଦୀନଦୟାଲ୍ ଅନ୍ତ୍ୟୋଦୟ ଯୋଜନା, ଜାତୀୟ ଗ୍ରାମୀଣ ଜୀବିକା ମିଶନ ଗ୍ରାମପଞ୍ଚାୟତ ।

୩. ସାଂସଦ ଆଦର୍ଶ ଗ୍ରାମ ଯୋଜନା ଗ୍ରାମପଞ୍ଚାୟତ ।

୪. ରୁର୍ବାନ୍ କ୍ଲଷ୍ଟର ଗ୍ରାମପଞ୍ଚାୟତ ।

୫. ଟାଟା ଟ୍ରଷ୍ଟ ଦ୍ୱାରା ଭଲ୍‌ନରେବଲ୍ ମାପିଂ କରାଯାଇଥିବା ଗ୍ରାମପଞ୍ଚାୟତ ।

୬. ଟାଟା ଟ୍ରଷ୍ଟ ଆଦର୍ଶ ଗ୍ରାମପଞ୍ଚାୟତ ।

୭. ଇ୍ୟକ୍ତି ବିକାଶ (ଆର୍ଟ ଅଫ୍ ଲିଭିଂ) କେନ୍ଦ୍ର

## କାର୍ଯ୍ୟ ସମ୍ପାଦନ ପରିମାପକ :

୧. ଭିତ୍ତିଭୂମି ଏବଂ ସହଜରେ ଉପଲବ୍ଧ ବିଭିନ୍ନ ସେବା ।

୨. ସାମାଜିକ ବିକାଶ ଏବଂ ସୁରକ୍ଷା ।

୩. ଅର୍ଥନୈତିକ ବିକାଶ ଏବଂ ଜୀବିକାର ବିବିଧିକରଣ ।

୪. ମିଶନ ଅନ୍ତ୍ୟୋଦୟର ପ୍ରାଥମିକ ପର୍ଯ୍ୟାୟରେ ୩୭୬୨ଟି ଗ୍ରାମପଞ୍ଚାୟତକୁ ଚୟନ କରି ଉପରୋକ୍ତ ପରିମାପକ ଆଧାରରେ ଆର୍ଥିକ ବର୍ଷ ୨୦୧୭-୧୮ରେ ଏକ ବେସଲାଇନ୍ ସର୍ଭେ କରାଯାଇଥିଲା ।

୫. ୨୦୧୯ ମସିହାରେ, ୬୬୫୧ ଗ୍ରାମପଞ୍ଚାୟତରେ ମିଶନ ଅନ୍ତ୍ୟୋଦୟ ସର୍ଭେ ସଂପୂର୍ଣ୍ଣ କରାଯାଇଥିଲା । ମିଶନ ଅନ୍ତ୍ୟୋଦୟ ୱେବ୍ ପୋର୍ଟାଲ୍ ଅନୁଯାୟୀ ୨୦୨୦ ମସିହାରେ, ୬୭୮୧ ଗ୍ରାମପଞ୍ଚାୟତ ମଧ୍ୟରୁ ୬୭୮୦ ଗ୍ରାମପଞ୍ଚାୟତର ତଥ୍ୟ ପରୀକ୍ଷଣ ଓ ଅପଲୋଡ୍ ସଂପୂର୍ଣ୍ଣ ହୋଇଅଛି । ୮୮୧ ଗ୍ରାମପଞ୍ଚାୟତରେ ଜିଓ ରେଫେରେନ୍ସିଙ୍ଗ କାର୍ଯ୍ୟ ସଂପୂର୍ଣ୍ଣ ହୋଇଅଛି ।

୬. କୋଭିଡ୍ ମହାମାରୀ ଯୋଗୁଁ ୨୦୨୧ ଓ ୨୦୨୨ ମସିହାରେ ମିଶନ ଅନ୍ତ୍ୟୋଦୟ ସର୍ଭେ କରାଯାଇନାହିଁ । କେନ୍ଦ୍ର ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ନିର୍ଦ୍ଦେଶାବଳୀ ଅନୁଯାୟୀ ୧୦ ଜାନୁୟାରୀ ୨୦୨୩ରୁ ସର୍ଭେ କାର୍ଯ୍ୟ ଆରମ୍ଭ ହେବ ।

୭. ବେସ୍‌ଲାଇନ୍ ସର୍ଭେ କାର୍ଯ୍ୟ କରିବା ପାଇଁ ରାଜ୍ୟ, ଜିଲ୍ଲା ତଥା ବ୍ଲକ୍ ସ୍ତରର ବ୍ୟବହାର ବ୍ୟବହାରୀକାରୀମାନେ ତଦାରଖକାରୀ ୟୁନିଟ୍ ଭାବେ କାର୍ଯ୍ୟ କରିଥାନ୍ତି ।

୮. ଅପ୍‌ଲୋଡ୍ କରାଯାଇଥିବା ତଥ୍ୟଗୁଡ଼ିକୁ ସମ୍ପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ସରପଞ୍ଚମାନେ ଯାଞ୍ଚ କରିବେ । ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ମିଶନ ଅନ୍ତ୍ୟୋଦୟ ସର୍ଭେ ପାଇଁ ନୋଡାଲ୍ ଅଧିକାରୀ ଘୋଷିତ ହୋଇଛନ୍ତି ।

# ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ

ମିଳିତ ଜାତିସଂଘ ଦ୍ୱାରା ସ୍ଥିର କରାଯାଇଥିବା ୧୭ଟି ଆନ୍ତର୍ଜାତୀୟ ଲକ୍ଷ୍ୟର ସମାହାରକୁ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ କୁହାଯାଉଅଛି । ପ୍ରତ୍ୟେକଟି ଲକ୍ଷ୍ୟ ହାସଲ ପାଇଁ ଭିନ୍ନ ଭିନ୍ନ ସୂଚକ ନିର୍ଦ୍ଧାରଣ କରାଯାଇଥିଲେ ମଧ୍ୟ ସମସ୍ତ ଲକ୍ଷ୍ୟଗୁଡ଼ିକ ପରସ୍ପର ସହିତ ଜଡ଼ିତ । ଏହି ୧୭ଟି ଲକ୍ଷ୍ୟ ହାସଲ ନିମନ୍ତେ ୧୬୯ଟି ସୂଚକ ସ୍ଥିର କରାଯାଇଅଛି । ସାମାଜିକ ଓ ଅର୍ଥନୈତିକ ବିକାଶ ସହିତ ଜଡିତ ଅନେକ ଗୁଡିଏ ସମସ୍ୟାର ସମାଧାନ ନିମନ୍ତେ ଏହା ଏକ ପ୍ରୟାସ । ସେଗୁଡ଼ିକ ହେଉଛି ଦାରିଦ୍ର୍ୟତା, କ୍ଷୁଧା, ସ୍ୱାସ୍ଥ୍ୟ, ଶିକ୍ଷା, ଜଳବାୟୁ ପରିବର୍ତ୍ତନ, ଲିଙ୍ଗଗତ ସମାନତା, ସ୍ୱଚ୍ଛ ଜଳ, ପରିମଳ, ଶକ୍ତି, ପରିବେଶ ଓ ନ୍ୟାୟ । ୨୦୧୫ ମସିହାରେ ସହସ୍ରାବ୍ଦୀ ବିକାଶ ଲକ୍ଷ୍ୟର ସମସ୍ତ ଅବଧି ସମାପ୍ତି ପରେ ଏଥିରେ ପରିବର୍ତ୍ତନ ଅଣାଯାଇ ଉପରୋକ୍ତ ଲକ୍ଷ୍ୟସବୁ ବିକଶିତ କରାଯାଇଥିଲା ।

## କିପରି ମିଳିତ ଜାତିସଂଘ ନିଷ୍ପତ୍ତି ନେଲେ

୧. ୨ ବର୍ଷର ସମୟସୀମା ମଧ୍ୟରେ ମିଳିତ ଜାତିସଂଘରେ କଥାବାର୍ତ୍ତା ମାଧ୍ୟମରେ

୨. ସେପ୍ଟେମ୍ବର ୨୫, ୨୦୧୫ରେ ୧୯୩ଟି ଦେଶର ସ୍ୱୀକୃତି

୩. ୨୦୧୬ ଜାନୁଆରୀ ୧ ତାରିଖରେ ବିଧିବଦ୍ଧ ଭାବେ କାର୍ଯ୍ୟକାରୀ ହେଲା

୪. ୨୦୩୦ ମସିହା ସୁଦ୍ଧା ବିଶ୍ୱର ଭବିଷ୍ୟ ପାଇଁ ୧୭ଟି ଲକ୍ଷ୍ୟ ନିର୍ଦ୍ଧାରିତ

୫. ଆସନ୍ତା ୧୫ ବର୍ଷ ମଧ୍ୟରେ ପ୍ରତ୍ୟେକ ଲକ୍ଷ୍ୟର ସୂଚକଗୁଡ଼ିକୁ ହାସଲ କରିବା

୬. ଲକ୍ଷ୍ୟଗୁଡ଼ିକୁ ହାସଲ କରିବା ନିମନ୍ତେ ୧୬୯ଟି ସୂଚକ ନିର୍ଦ୍ଧାରିତ



## ଉଦ୍ଦେଶ୍ୟ, ମୁଖବନ୍ଧ ଓ ଦୂରଦୃଷ୍ଟି

**ଉଦ୍ଦେଶ୍ୟ :** ସହସ୍ରାବ୍ଦୀ ବିକାଶ ଲକ୍ଷ୍ୟର ସଫଳତା ଭିତ୍ତିରେ ପ୍ରସ୍ତୁତ କରାଯାଇଥିବା ବିକାଶ ଲକ୍ଷ୍ୟ ସମୂହର ଉଦ୍ଦେଶ୍ୟ ହେଉଛି ବିଶ୍ୱକୁ ସମ୍ପୂର୍ଣ୍ଣ ଭାବେ ସମସ୍ତ ପ୍ରକାର ଦାରିଦ୍ର୍ୟରୁ ମୁକ୍ତ କରିବା ।

### ମୁଖବନ୍ଧ : ୫ ଟିପି

୧. ଜନସାଧାରଣ

୨. ଗ୍ରହ

୩. ସମୃଦ୍ଧି

୪. ଶାନ୍ତି

୫. ସହଭାଗୀତା

### ଦୀର୍ଘକାଳୀନ ଲକ୍ଷ୍ୟ :

କେହି ଜଣେ ବି ଯେପରି ପଛରେ ରହିନଯାଆନ୍ତି, ତାହା ନିଶ୍ଚିତ କରି ଦାରିଦ୍ର୍ୟର ମୂଳୋତ୍ପାଟନ, ଅସମାନତା ବିରୋଧରେ ଲଢେଇ ଓ ଜଳବାୟୁ ପରିବର୍ତ୍ତନର ମୁକାବିଲା ନିମନ୍ତେ ପ୍ରଚେଷ୍ଟାକୁ ଗତିଶୀଳ କରିବାକୁ ସବୁ ଦେଶ ଉପରେ ଏହା ଲାଗୁ ହୋଇଛି ।

### ଓଡ଼ିଶାର ଲକ୍ଷ୍ୟ ୨୦୩୬ : ବର୍ତ୍ତମାନ ସୁଦ୍ଧା ପ୍ରଗତି

୧. ଯୋଜନା ଓ ଏକାଭିମୁଖୀକରଣ ବିଭାଗକୁ ନୋଡାଲ୍ ବିଭାଗ ଭାବେ ଘୋଷଣା କରାଯାଇଅଛି ।

୨. ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସଚିବମାନେ ସଦସ୍ୟ ଥିବା ଉଚ୍ଚକ୍ଷମତା ସମ୍ପନ୍ନ କମିଟି ଗଠନ କରାଯାଇଅଛି ।

୩. ବିଭାଗ ଗୁଡ଼ିକରେ ଥିବା ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ସେଲ୍ କାର୍ଯ୍ୟାନ୍ୱୟନର ତଦାରଖ କରିବେ ।

୪. ସମସ୍ତ ଲକ୍ଷ୍ୟ ଗୁଡ଼ିକୁ ହାସଲ କରିବା ଦିଗରେ ୭ଟି ବିଷୟଭିତ୍ତିକ କାର୍ଯ୍ୟ ଗୋଷ୍ଠୀ (ଟି.ଡବ୍ଲୁ.ଜି.) ନିମ୍ନଲିଖିତ ମତେ ଗଠନ କରାଯାଇଅଛି ।

ଟି.ଡବ୍ଲୁ.ଜି-୧ (ଲକ୍ଷ୍ୟ ୧, ୨ ଏବଂ ୧୨), ଟି.ଡବ୍ଲୁ.ଜି – ୨ (ଲକ୍ଷ୍ୟ ୩ ଏବଂ ୬), ଟି.ଡବ୍ଲୁ.ଜି – ୩ (ଲକ୍ଷ୍ୟ ୪), ଟି.ଡବ୍ଲୁ.ଜି – ୪ (ଲକ୍ଷ୍ୟ ୭ ଏବଂ ୯), ଟି.ଡବ୍ଲୁ.ଜି – ୫ (ଲକ୍ଷ୍ୟ ୫, ୧୦ ଏବଂ ୧୬), ଟି.ଡବ୍ଲୁ.ଜି – ୬ (ଲକ୍ଷ୍ୟ ୧୩, ୧୪ ଏବଂ ୧୫), ଟି.ଡବ୍ଲୁ.ଜି – ୭ (ଲକ୍ଷ୍ୟ ୮, ୧୧ ଏବଂ ୧୭)

# ୨୦୨୨-୨୩ ଆର୍ଥିକ ବର୍ଷ ନିମନ୍ତେ ଜିଲ୍ଲା ପରିଷଦ ପ୍ରତିଷ୍ଠାନ ସମ୍ପର୍କିତ ବାର୍ଷିକ କାର୍ଯ୍ୟକଳାପ ବିବରଣୀ

ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଏକ ରେଜିଷ୍ଟ୍ରୀକୃତ ସଂସ୍ଥା ଅଟେ । ଜିଲ୍ଲା ସ୍ତରରେ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଯୋଜନା ଏବଂ ଗ୍ରାମ୍ୟ ବିକାଶ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ପ୍ରତ୍ୟେକ ଜିଲ୍ଲାରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଗଠନ କରାଯାଇଛି ।

ରାଜ୍ୟରେ ପଞ୍ଚାୟତିରାଜ ପ୍ରତିଷ୍ଠାନକୁ ମଜବୁତ କରିବାକୁ ରାଜ୍ୟ ସରକାର ଗୁରୁତ୍ୱରୋପ କରିଛନ୍ତି ଏବଂ ପଞ୍ଚାୟତିରାଜ ପ୍ରତିଷ୍ଠାନର ସଶକ୍ତିକରଣ ଏବଂ ପରିବର୍ତ୍ତନ ପାଇଁ ଅନେକ ପଦକ୍ଷେପ ନେଇଛନ୍ତି । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସହ ଓଡ଼ିଶାର ସମ୍ପୃକ୍ତ ଜିଲ୍ଲା ପରିଷଦ ସହିତ ମିଶ୍ରଣ ସମ୍ବନ୍ଧୀୟ ମାମଲା କିଛି ସମୟ ପାଇଁ ରାଜ୍ୟ ସରକାରଙ୍କ ସକ୍ରିୟ ବିଚାରରେ ଥିଲା । ପଞ୍ଚାୟତିରାଜ ପ୍ରତିଷ୍ଠାନ ଯାହାକି ଏକ ସୁଶାସନ ଅନୁଷ୍ଠାନର ଯଥେଷ୍ଟ ସଶକ୍ତିକରଣ ହେବା ଆବଶ୍ୟକ ଏବଂ ବିଭିନ୍ନ ବିକାଶମୂଳକ ଯୋଜନାର କାର୍ଯ୍ୟକାରିତା ଏବଂ ତଦାରଖ ସହିତ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ନିଷ୍ପତ୍ତି କାର୍ଯ୍ୟକାରୀ କରିବାରେ ସିଧାସଳଖ ଜଡ଼ିତ ହେବା ଆବଶ୍ୟକ । ଜିଲ୍ଲା ପରିଷଦ ପଞ୍ଚାୟତିରାଜର ସର୍ବୋଚ୍ଚ ସ୍ତର ଅଟେ ଏବଂ ଏହାକୁ ଦାରିଦ୍ର୍ୟ ଦୂରୀକରଣ, ସାମଗ୍ରିକ ବିକାଶ ତଥା ସାମାଜିକ ନ୍ୟାୟ ପାଇଁ ଯୋଜନା ତଥା କାର୍ଯ୍ୟକାରୀ କରିବାକୁ ସମସ୍ତ ଦାୟିତ୍ୱ ଦିଆଯାଇପାରିବ । ଓଡ଼ିଶାରେ ସ୍ଥାନୀୟ ଶାସନକୁ ମଜବୁତ କରିବା ନିମନ୍ତେ ରାଜ୍ୟ ସମ୍ବିଧାନର ୭୩ତମ ସଂଶୋଧନ ଆଦେଶ ଅନୁଯାୟୀ ଚତୁର୍ଥ ରାଜ୍ୟ ଅର୍ଥ ଆୟୋଗଙ୍କ ସୁପାରିଶକ୍ରମେ ରାଜ୍ୟ ସରକାର ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଏବଂ କାର୍ଯ୍ୟାଳୟକୁ ସମ୍ପୃକ୍ତ ଜିଲ୍ଲା ପରିଷଦ ସହିତ ମିଶ୍ରଣ କରିଛନ୍ତି । ଓଡ଼ିଶା ରାଜ୍ୟରେ ଥିବା ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ବର୍ତ୍ତମାନ ସଂରଚନାକୁ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଚିଠି ନମ୍ବର ୧୦୦୨୫ ତା-୦୩.୦୬.୨୦୨୨ ଓ ଓଡ଼ିଶା ଗେଜେଟ ନମ୍ବର ୧୯୮୨ ତା-୦୯.୦୬.୨୦୨୨ ଅନୁସାରେ ରଦ୍ଦ କରାଯାଇଅଛି ।

**ବି.ଦ୍ର.:** ୨୦୨୨-୨୩ ଆର୍ଥିକ ବର୍ଷ ନିମନ୍ତେ ୬୫୫୫.୫୩ ଲକ୍ଷ ଟଙ୍କା ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଦରମା ପ୍ରାପ୍ତ କର୍ମଚାରୀ ନିମନ୍ତେ ଏଣ୍ଟ୍ରି ଟ୍ୟାକ୍ସ ବଦଳରେ ରାଜ୍ୟ ଅର୍ଥ ଆୟୋଗ ହେଡ୍ ୧୭-୪ରଉ-୨୫୧୫-୦୦-୧୯୬-୩୪୬୮- ଆସାଇନମେଣ୍ଟରୁ ମଞ୍ଜୁର ବ୍ୟବସ୍ଥା ଅଛି ।

## ଗୋତି ଶ୍ରମିକ ଯୋଜନା

୧ ଜୁଲାଇ ୧୯୭୫ ମସିହାର ପୁରାତନ କୋଡ଼ିଏ ଦଫା କାର୍ଯ୍ୟକ୍ରମରେ ଯେତେବେଳେ ଗୋତିଶ୍ରମିକ ବିଷୟକୁ ସଂଶ୍ଳିଷ୍ଟ କରାଯାଇଥିଲା ଏହା ଜାତୀୟ ସ୍ତରରେ ଏକ ମୁଖ୍ୟ ବିଷୟ ଭାବରେ ଚର୍ଚ୍ଚାକୁ ଆସିଥିଲା । ଗୋତି ଶ୍ରମିକମାନଙ୍କର ସ୍ୱାର୍ଥ ରକ୍ଷା ଏବଂ ସେମାନଙ୍କର ଉତ୍ତମ ଜୀବନର ମାନଦଣ୍ଡକୁ ନିଶ୍ଚିତ କରିବା ଉଦ୍ଦେଶ୍ୟରେ ଗୋତି ଶ୍ରମିକ ପ୍ରଥା ଉଚ୍ଛେଦ ଆଇନ - ୧୯୭୬କୁ ପ୍ରବର୍ତ୍ତନ କରାଯାଇଥିଲା ।

## ଗୋତି ଶ୍ରମିକ ଚିହ୍ନଟୀକରଣ :

ଗୋତି ଶ୍ରମିକ ପ୍ରଥା ଉଚ୍ଛେଦ ଆଇନ - ୧୯୭୬ର ଧାରା ୧୩ ଅଧିନରେ ଗୋତି ଶ୍ରମିକ ମାନଙ୍କୁ ଖୋଜି ବାହାର କରିବା, ଉଦ୍ଧାର ଏବଂ ଥଇଥାନ କରିବାର କାର୍ଯ୍ୟ ତଦାରଖ କମିଟି ଉପରେ ନ୍ୟସ୍ତ କରାଯାଇଛି । ତଦନୁଯାୟୀ ଗୋତି ଶ୍ରମିକ ଚିହ୍ନଟୀକରଣ ନିମନ୍ତେ ଜିଲ୍ଲା ମାଜିଷ୍ଟ୍ରେଟ୍ ଏବଂ ଉପଖଣ୍ଡ ସ୍ତରୀୟ ମାଜିଷ୍ଟ୍ରେଟ୍‌ଙ୍କ ଅଧିକ୍ଷତାରେ ଜିଲ୍ଲା ଏବଂ ଉପଖଣ୍ଡ ସ୍ତରୀୟ ତଦାରଖ କମିଟି ଗଠନ କରାଯାଇଛି ।

## ଗୋତି ଶ୍ରମିକ ଥଇଥାନ :

କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା "ଗୋତି ଶ୍ରମିକ ଥଇଥାନ" ପ୍ରତ୍ୟେକ ରାଜ୍ୟରେ ପ୍ରଚଳନ କରାଯାଉଛି । ଏହି ଯୋଜନା ଅନୁସାରେ ପ୍ରତ୍ୟେକ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କୁ ୫୦:୫୦ ଅନୁପାତରେ ଅନୁଦାନ ରାଶି ବହନ କରିବାକୁ ପଡୁଛି । ୨୦୧୬-୧୭ ବର୍ଷରେ ରାଜ୍ୟ ସରକାର ବଜେଟ୍‌ରେ ଏହି ବାବଦକୁ ୧ କୋଟି ଟଙ୍କାର ବ୍ୟବସ୍ଥା କରିଥିଲେ ।

କେନ୍ଦ୍ରୀୟ ଅଂଶଧନ ବାବଦରେ ୧ କୋଟି ୫୦ ଲକ୍ଷ ଟଙ୍କାର ସହାୟତା ପ୍ରଦାନ ନିମନ୍ତେ ଭାରତ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି । ମାତ୍ର ବର୍ତ୍ତମାନ ସୁଦ୍ଧା ଭାରତ ସରକାରଙ୍କର ଶ୍ରମ ଓ ନିୟୋଜନ ମନ୍ତ୍ରାଳୟ ତରଫରୁ କୌଣସି ଅର୍ଥ ମିଳିପାରିନାହିଁ । ଏତିକିବେଳେ ଓଡିଶା ସରକାର ୧କୋଟି ଟଙ୍କା ଅଂଶପ୍ରଦାନ କରିସାରିଛନ୍ତି, ଯାହାକି ୫୦୦ ଜଣ ମୁକ୍ତ ଗୋତି ଶ୍ରମିକମାନଙ୍କୁ ଥଇଥାନ କରିବାରେ ସହାୟକ ହୋଇପାରିଛି ।

ଏହା ମଧ୍ୟରେ କେନ୍ଦ୍ର ସରକାର ଏହି ଯୋଜନାକୁ ପରିବର୍ତ୍ତନ କରିଛନ୍ତି ଯାହାର ନାମ "Central Sector Scheme for Rehabilitation of Bonded Labourers-2016" ଯାହାକି ୧୭.୦୫.୨୦୧୬ରୁ କାର୍ଯ୍ୟକାରୀ ହେଉଛି । ଏହି ପରିବର୍ତ୍ତିତ ମାର୍ଗଦର୍ଶିକା ଅନୁଯାୟୀ ପ୍ରତ୍ୟେକ ଥଇଥାନ ପ୍ରସ୍ତାବ ଜିଲ୍ଲା ଏନସିଏଲପି ସୋସାଇଟି ଜରିଆରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗକୁ ପ୍ରେରଣ ନକରି ସିଧାସଳଖ କେନ୍ଦ୍ର ସରକାରଙ୍କ ନିକଟକୁ ପ୍ରେରଣ କରାଯିବାର ବିଧି ବ୍ୟବସ୍ଥା ଅଛି ।

## ଗୋତି ଶ୍ରମିକ ସର୍ବେକ୍ଷଣ :

ଗୋତି ଶ୍ରମିକ ଚିହ୍ନଟୀକରଣ ପାଇଁ ସର୍ବେକ୍ଷଣ ନିମନ୍ତେ ୨.୦୦ ଲକ୍ଷ ଟଙ୍କାର ସହାୟତା ରାଶି କେନ୍ଦ୍ର ସରକାରଙ୍କ ଜରିଆରେ ପ୍ରତ୍ୟେକ ଜିଲ୍ଲାକୁ ପ୍ରଦାନ କରାଯିବାର ବ୍ୟବସ୍ଥା ଅଛି । ଏହି ସର୍ବେକ୍ଷଣ ପ୍ରତି ତିନି ବର୍ଷରେ କରାଯାଏ । ରାଜ୍ୟର ୩୦ଟି ଯାକ ଜିଲ୍ଲାର ପ୍ରସ୍ତାବ କେନ୍ଦ୍ର ସରକାରଙ୍କ ନିକଟକୁ ପଠାଯାଇଛି ଏବଂ ଏହି ସହାୟତା ରାଶି ଏ ପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ଠାରୁ ହସ୍ତଗତ ହୋଇନାହିଁ ।

## ଅଭିଯୋଗ ସମାଧାନ କେନ୍ଦ୍ର

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ସଂଚାଳିତ ବିଭିନ୍ନ ଯୋଜନା/ପ୍ରକଳ୍ପ ସମ୍ବନ୍ଧୀୟ ସାଧାରଣ ଲୋକମାନଙ୍କର ଅଭିଯୋଗର ସମାଧାନ କରିବା ପାଇଁ ଅଭିଯୋଗ ସମାଧାନ କେନ୍ଦ୍ର ତା-୦୧-୦୯-୨୦୧୨ରିଖରୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରେ ଆରମ୍ଭ କରାଯାଇଅଛି । ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରେ ପ୍ରତ୍ୟେକ ସୋମବାର (ଛୁଟିଦିନ ବ୍ୟତୀତ) ଏହି ବିଭାଗର ପ୍ରମୁଖ ଶାସନ ସଚିବ ନିଜେ ଜନ ଅଭିଯୋଗର ଶୁଣାଣୀ କରିଥାନ୍ତି ।

ପ୍ରତ୍ୟେକ ଅଭିଯୋଗର ଉଚିତ୍ ସମୟରେ ସମାଧାନ ନିମନ୍ତେ ସଂପୃକ୍ତ ବିଭାଗୀୟ ଅଧିକାରୀ/ଜିଲ୍ଲାସ୍ତରୀୟ ଅଧିକାରୀ/ବ୍ଲକସ୍ତରୀୟ ଅଧିକାରୀମାନଙ୍କ ଠାରୁ ତଦନ୍ତ ରିପୋର୍ଟ ତଲବ କରାଯାଇ ଫଇସଲା କରାଇବା ସହିତ ଉଚିତ ସମୟ ସୀମାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ।

## ପଞ୍ଚାୟତ ହେଲ୍ପଲାଇନ :

ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ଦ୍ୱାରା ତା-୦୧-୧୧-୨୦୧୨ ରିଖରେ ପଞ୍ଚାୟତ ହେଲ୍ପଲାଇନ ନିଶୁଳ୍କ ନଂ ୧୮୦୦-୩୪୫-୬୭୬୮ ଆରମ୍ଭ କରାଯାଇଛି । ଯାହାଦ୍ୱାରା ଟେଲିଫୋନ ମାଧ୍ୟମରେ ଜନସାଧାରଣଙ୍କର ଅଭିଯୋଗ ଗ୍ରହଣ କରାଯାଉଅଛି । ଅଭିଯୋଗଗୁଡିକ ଉପରେ ନିଆଯାଇଥିବା କାର୍ଯ୍ୟ ସମ୍ବନ୍ଧୀୟ ବିବରଣୀ ସଂପୃକ୍ତ ଜିଲ୍ଲା/ବ୍ଲକ ସ୍ତରୀୟ ଅଧିକାରୀମାନଙ୍କଠାରୁ ମଗାଯାଉଅଛି ଏବଂ ନିର୍ଦ୍ଧାରିତ ସମୟ ମଧ୍ୟରେ ଅଭିଯୋଗଗୁଡିକର ସମାଧାନ ନିମନ୍ତେ ପଦକ୍ଷେପ ନିଆଯାଉଅଛି । ଏହି ହେଲ୍ପ ଲାଇନ ସ୍ଥାପନ କରିବାର ମୁଖ୍ୟ ଉଦ୍ଦେଶ୍ୟଗୁଡିକ ହେଲା :

୧. ପ୍ରତ୍ୟେକ ନାଗରିକଙ୍କୁ ସେମାନଙ୍କର ଆବଶ୍ୟକତା, ଅଧିକାର ଏବଂ ଅଭିଯୋଗ ସମ୍ବନ୍ଧରେ ଜଣାଇବା ନିମନ୍ତେ ସୁଯୋଗ ଦେବାକୁ ସୁନିଶ୍ଚିତ କରିବା ।

୨. ଯୋଜନାଗୁଡିକର କାର୍ଯ୍ୟାନ୍ୱୟନରେ ହେଉଥିବା ଦୁର୍ନୀତି ବା ଅନିୟମିତତା ସଂପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ନିମନ୍ତେ ସହାୟତା ପ୍ରଦାନ କରିବା ।

୩. କାର୍ଯ୍ୟକ୍ରମର ଯୋଜନା ପ୍ରସ୍ତୁତି ଏବଂ କାର୍ଯ୍ୟାନ୍ୱୟନରେ ଲୋକମାନଙ୍କର ସହଭାଗିତା ପାଇଁ ମଞ୍ଚ ସୃଷ୍ଟି କରିବା ।

ହିତାଧିକାରୀମାନଙ୍କ ଦ୍ୱାରା ଦାଖଲ କରାଯାଉଥିବା ଅଭିଯୋଗଗୁଡିକ ଗ୍ରହଣ କରି ତାହାର ଉଚିତ୍ ସମୟରେ ସମାଧାନ କରିବା ଦ୍ୱାରା ଶାସନ କ୍ଷେତ୍ରରେ ପଞ୍ଚାୟତ ହେଲ୍ପଲାଇନ ଏକ ନୂଆ ଯୁଗ ସୃଷ୍ଟି କରିଛି, ଯାହା ଗ୍ରାମାଞ୍ଚଳର ହିତାଧିକାରୀଙ୍କ ମଧ୍ୟରେ ଆଶା ସଞ୍ଚାର କରିପାରିଛି ।

## ଇ-ଅଭିଯୋଗ :

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ (ସି.ଏମ୍.ଜି.ସି) ୨୦୧୦ ମସିହାରୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ବିଭିନ୍ନ ଯୋଜନାର ସ୍ୱଚ୍ଛତା ରକ୍ଷା କରିବା ପାଇଁ କାର୍ଯ୍ୟ କରୁଛି । ସର୍ବସାଧାରଣଙ୍କଠାରୁ ସିଏମଜିସି ଦ୍ୱାରା ଏବଂ ସିଏମଜିସିର ଅନଲାଇନ ୱେବସାଇଟ୍ ମାଧ୍ୟମରେ ଅଭିଯୋଗ ଗ୍ରହଣ କରାଯାଉଛି । ଉକ୍ତ ଅଭିଯୋଗଗୁଡିକୁ ସଂପୃକ୍ତ ବିଭାଗକୁ କିମ୍ବା ପ୍ରକଳ୍ପ ନିର୍ଦ୍ଦେଶକ ଓ ଜିଲ୍ଲାପାଳଙ୍କୁ ଅଭିଯୋଗର ବିଷୟବସ୍ତୁ ଆଧାରରେ ପଠାଯାଉଛି ।

ସଂପୃକ୍ତ ଅଧିକାରୀ ଉକ୍ତ ଅଭିଯୋଗର ସମାଧାନ ପାଇଁ କି ପଦକ୍ଷେପ ନେଲେ ତାର ବିବରଣୀ ପ୍ରଦାନ କରିବାକୁ ବିଭାଗୀୟ-ସ୍ତରରେ ନିର୍ଦ୍ଦେଶ ଦିଆଯାଉଛି କିମ୍ବା ଉକ୍ତ ବିବରଣୀକୁ ଅନଲାଇନ ମାଧ୍ୟମରେ ସିଏମଜିସିକୁ ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଛି । କେତେକ ଅଭିଯୋଗର ସମାଧାନ ନିମନ୍ତେ ସଂପୃକ୍ତ ଅଧିକାରୀଙ୍କୁ ବାରମ୍ବାର ସ୍ମରଣ କରାଯାଇ ସମସ୍ୟାର ସମାଧାନ କରାଯାଉଛି ।

## ଜନ ଶୁଣାଣି :

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନରେ ଥିବା ବିଭିନ୍ନ ଯୋଜନାରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଜନ ଶୁଣାଣି ସେଲ୍ ୨୦୨୧ରୁ କାର୍ଯ୍ୟ କରୁଛି । ଜନଶୁଣାଣି ମାଧ୍ୟମରେ କିମ୍ବା ପ୍ରତ୍ୟେକ୍ଷ ଭାବେ ବିଭାଗ ପକ୍ଷରୁ ବିଭିନ୍ନ ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମ ଯଥା ଟୁଇଟର ଓ ଫେସ୍‌ବୁକ୍ ମାଧ୍ୟମରେ ଜନସାଧାରଣଙ୍କଠାରୁ ମିଳୁଥିବା ଅଭିଯୋଗଗୁଡ଼ିକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ କିମ୍ବା ବ୍ଲକ୍ ଉନ୍ନୟନ ଅଧିକାରୀଙ୍କ ନିକଟକୁ ପଠାଯାଉଛି । ଆବଶ୍ୟକ ସ୍ଥଳେ ଅଭିଯୋଗ ବିଷୟକୁ ଆଧାର କରି ଜନଶୁଣାଣି ପୋର୍ଟାଲ୍ ମାଧ୍ୟମରେ ଚୁଡାନ୍ତ ସମାଧାନ ପାଇଁ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଜିଲ୍ଲାପାଳ ତଥା ସମ୍ପୃକ୍ତ ଅଧିକାରୀଙ୍କ ଠାରୁ ତତ୍ ସମ୍ବନ୍ଧୀୟ ରିପୋର୍ଟ ଜାରି କରାଯାଇ ଅଭିଯୋଗ ଗୁଡ଼ିକର ସଠିକ୍ ସମୟରେ ସମାଧାନ ପାଇଁ ବିଭାଗ ପକ୍ଷରୁ ଯଥାସାଧ୍ୟ ଉଦ୍ୟମ କରାଯାଉଛି ।